ତେନାଲିରାମ କାହାଣୀ

ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ

Digitized by srujanika@gmail.com

ତେନାଲିରାମ କାହାଣୀ

(ପ୍ରଥମ ଭାଗ)

: ଲେଖକ :

ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ

: ପ୍ରକାଶକ :

ଜ୍ଞାନରାଇଜ ପ୍ରକାଶନୀ

କଳିକାପ୍ରେସ୍

ଗୋପ, ପୁରୀ- ୭୫୨୧୧୦

Digitized by srujanika@gmail.com

ତେନାଲିରାମ କାହାଣୀ
(ପ୍ରଥମ ଭାଗ)

TENALIRAMA KAHANI
(Part - 1)

ଲେଖକ :
ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ
ସରକାରୀ ଉଚ୍ଚ ବିଦ୍ୟାଳୟ
ଶହୀଦନଗର, ଭୁବନେଶ୍ୱର

Writer :
Dr. Laxmikanta Khuntia
Govt. High School
Saheed Nagar, Bhubaneswar

ପ୍ରକାଶକ :
ଜ୍ଞାନରାଇଜ ପ୍ରକାଶନୀ
କଳିକାପ୍ରେସ
ଗୋପ, ପୁରୀ- ୭୫୨୧୧୦
✆ : (୯୫୬୫୮) ୫୭୬୮୭

Publisher :
Gyanaraija Prakashani
Kalika Press
Gop, Puri- 752110
✆ : (95658) 57687

ପ୍ରଚ୍ଛଦ
ସୁଧାଂଶୁ ସାମନ୍ତରାୟ

Cover Design :
Sudhansu Samantray

ଅଲଂକରଣ
ବିଶ୍ୱମୋହନ ରଥ (ପପୁ)

Art :
Biswa Mohan Ratha (Papu)

ମୁଦ୍ରଣ
ଡୁଡୁଲି ପ୍ରୋସେସ୍ ଆଣ୍ଡ ଅଫ୍‌ସେଟ୍
ବାପୁଜୀ ନଗର, ଭୁବନେଶ୍ୱର

Printing :
Duduly Process & Offset
Bapuji Nagar, Bhubaneswar

ପ୍ରଥମ ପ୍ରକାଶ
୨୦୦୨

First Edition
2002

ମୂଲ୍ୟ : ୧୫ ଟଙ୍କା

Price : 15/-

Digitized by srujanika@gmail.com

ଭୋଳା ହେଲେ ବି ଭାରି ବୁଦ୍ଧିଆ

ବହୁତ ଦିନ ତଳର କଥା । ଦକ୍ଷିଣ ଭାରତର ଗୋଟିଏ ଗାଁରେ ଜଣେ ଯୁବକ ରହୁଥାଏ । ସେ ଯେମିତି ହସଖୁସି ସ୍ୱଭାବର ସେମିତି ଭୋଳା ମଧ୍ୟ ଥିଲା । ତେଣୁ ଗାଁ ଲୋକେ ତାକୁ ଭଲ ପାଉଥିଲେ ।

ଥରେ ଗୋଟିଏ ତାନ୍ତ୍ରିକ ସେଇ ଗାଁକୁ ଆସିଲା । ସେ ସେଇ ଗାଁରେ ଥିବା ଭଙ୍ଗାକାଳୀମନ୍ଦିରରେ ରହି ତନ୍ତ୍ରସାଧନା କରୁଥାଏ । ଏ ଖବର ଶୁଣି ସେଇ ଯୁବକଟି ତା' ପାଖକୁ ଧାଇଁଲା । କାରଣ ସାଧୁସନ୍ଥଙ୍କର ସେବା କରିବାକୁ ତାକୁ ଭଲ ଲାଗେ । ଯୁବକଟି ସେଇ ତାନ୍ତ୍ରିକକୁ ପ୍ରଣାମ କରି ସେଠାରେ ବସି ରହିଲା । ତାନ୍ତ୍ରିକଟି ଧ୍ୟାନରୁ ଉଠି କହିଲା- "ତୁମର ମଥାର ରେଖାରୁ ଜଣାପଡୁଛି ତୁମ ଭବିଷ୍ୟତ ଖୁବ୍ ଉଜ୍ଜ୍ୱଳ । ମହାକାଳୀଙ୍କୁ ପ୍ରାର୍ଥନା କର । ତୁମର ମଙ୍ଗଳ ହେବ ।" ଏହା କହି ସେ ତାକୁ ମନ୍ତ୍ରଟିଏ ଶିଖାଇ ଦେଲେ ।

ସେହିଦିନ ଯୋଗକୁ ଅମାବାସ୍ୟା ତିଥି ପଡ଼ିଥିଲା । ମହାକାଳୀଙ୍କର ବିଶାଳ ମୂର୍ତ୍ତି ଆଗରେ ବସି ପଡ଼ି ଯୁବକଟି ସେଇ ମନ୍ତ୍ରକୁ ଜପିବାରେ ଲାଗିଲା । ଶେଷରେ ତାର ଭକ୍ତିରେ ସନ୍ତୁଷ୍ଟ ହୋଇ ମହାକାଳୀ ତାକୁ ଦେଖାଦେଲେ । ମହାକାଳୀଙ୍କୁ ଦର୍ଶନ କରି ଯୁବକଟି ଡ଼ରି ନ ଯାଇ ଆହୁରି ପ୍ରାର୍ଥନା କରିବାରେ ଲାଗିଲା । ମହାକାଳୀ ଦୁଇହାତରେ ଦୁଇଟି ପାତ୍ର ଧରିଥିଲେ । ଗୋଟିଏ ଧନ ଦଉଲତ ଭରା ଦହିର ପାତ୍ର ଅନ୍ୟଟି ବିଦ୍ୟାଗୁଣରେ ଭରା ମଧୁରଦୁଧର ପାତ୍ର । ପାତ୍ର ଦୁଇଟିକୁ ଦେଖାଇ ସେ କହିଲେ- "ବସ ! ତୁମ ଭକ୍ତିରେ ମୁଁ ଅତ୍ୟନ୍ତ ସନ୍ତୁଷ୍ଟ । ତୁମେ ଏଇ ପାତ୍ର ଦୁଇଟିରୁ ଗୋଟିକୁ ବାଛିନେଇ ନିଜ ଜୀବନକୁ ମଧୁର କର ।

ଯୁବକଟି ସେଇ ଦହି ପାତ୍ରକୁ ଦେଖି ଆଶ୍ଚର୍ଯ୍ୟ ହୋଇ କହିଲା- "ମାଆ ! ଏଇ ପାତ୍ରରେ ଧନସଂପତ୍ତି ରୂପରେ ଦହି କାହିଁକି ରହିଛି ?"

Digitized by srujanika@gmail.com

ମହାକାଳୀ ଟିକିଏ ହସି ଦେଇ କହିଲେ- ଧନସଂପତ୍ତି ମଧୁର ହେଲେ ମଧ୍ୟ ତାହା ସହଜରେ ମିଳେ ନାହିଁ ।

ଯୁବକଟି ସଙ୍ଗେ ସଙ୍ଗେ କହିଲା- ''ମାଆ ! ମୁଁ ସେଥିରୁ ଟିକେ ଦହି ଚାଖିପାରିବି କି ? କାରଣ ବିଦ୍ୟା ଗୁଣ ରୂପୀ ଦୁଧ ତା'ଠାରୁ କେତେ ମଧୁର ସେ କଥା ମୁଁ ଜାଣିବି କିପରି ?

ମହାକାଳୀ ଆଉ ବା କଣ କହିବେ ? ସେ ସାଙ୍ଗେ ସାଙ୍ଗେ ଦହି ପାତ୍ରରୁ କିଛି ଦହି ଆଣି ଯୁବକର ହାତରେ ଦେଲେ । ଯୁବକଟି ଚଟାପଟ ସେତକ ଚାଟିଦେଲା । ତାପରେ ଦୁଧପାତ୍ରରୁ ଟିକେ ଚାଖି କହିଲା- ମାଆ ! ମୋର ଏଇ ଦୁଧପାତ୍ରଟା ଦରକାର ।

ମହାକାଳୀ ଯୁବକଟି ଏଇ ଭୋଳା ସ୍ୱଭାବ ଦେଖି ମନେ ମନେ ଭାରି ଖୁସି ହେଲେ । ଯୁବକଟି ଦୁଇଟି ପାତ୍ରରୁ କିଛି କିଛି ଖାଇ ବିଦ୍ୟାଗୁଣ ଓ ଧନ ସଂପତ୍ତି ପାଇବାର ବର ଲାଭକଲା । ସେଦିନର ସେଇ ବୁଦ୍ଧିଆ ଯୁବକଟି ପରେ ''ତେନାଲିରାମ'' ନାମରେ ପରିଚିତ ହେଲେ । ବିଜୟ ନଗରର ରାଜା କୃଷ୍ଣଦେବରାୟଙ୍କ ରାଜଦରବାରରେ ରହି ନିଜର ବିଦ୍ୟାବୁଦ୍ଧି ଯୋଗୁଁ ଚାରିଆଡ଼େ ପ୍ରସିଦ୍ଧ ହୋଇପାରିଥିଲେ ।

Digitized by srujanika@gmail.com

ଦ୍ୱିତୀୟ ଜନ୍ମ

ରାଜା କୃଷ୍ଣଦେବରାୟଙ୍କର ହଠାତ୍ ଥରେ ସଙ୍ଗୀତ ଶୁଣିବାକୁ ଭାରି ଆଗ୍ରହ ହେଲା । ସେଥିପାଇଁ ବହୁ ବିଖ୍ୟାତ ସଙ୍ଗୀତଜ୍ଞଙ୍କୁ ଦୂର ଦେଶରୁ ନିମନ୍ତ୍ରଣ କରାଗଲା । ରାଜା ରାତିଦିନ ସଙ୍ଗୀତ ଶୁଣିବାରେ ମନ ଦେଲେ । ପ୍ରଜାଙ୍କର ଦୁଃଖ ବୁଝିବା ଦୂରେ ଥାଉ ଦରବାରକୁ ଯିବା ମଧ୍ୟ ଭୁଲିଗଲେ । ଫଳରେ ରାଜ୍ୟର ଅନ୍ୟ ଅଧିକାରୀମାନେ ମନଇଚ୍ଛା ଶାସନ କରିବାରେ ଲାଗିଲେ । ଏସବୁ କାମ ଦେଖି ତେନାଲିରାମଙ୍କର ମନ ବହୁତ ଦୁଃଖ ହେଲା । ବହୁ ସମୟ ଚିନ୍ତା କରି ତାଙ୍କ ମୁଣ୍ଡକୁ ବୁଦ୍ଧିଟିଏ ଦିଶିଲା ।

ଦିନେ ସକାଳୁ ସକାଳୁ ଗୋଟିଏ ଲୋକ ରାଜାଙ୍କ ପାଖରେ ଆସି ପହଁଞ୍ଚିଲା । ତା' ହାତରେ ତେନାଲିରାମଙ୍କର ଜୋତା ଆଉ ପଗଡି ଥିଲା । ସେ ରାଜାଙ୍କୁ କହିଲା -ହଜୁର ! ନଈକୂଳରୁ ତେନାଲିରାମଙ୍କର ଏଇ ଜୋତା ଆଉ ପଗଡି ମିଳିଲା । ତାଙ୍କର ଆଉ ପତ୍ତା ମିଳୁ ନାହିଁ ।

ତେବେ ତେନାଲିରାମ କଣ ମରିଗଲେ ! କ'ଣ ତାଙ୍କର ହେଲା ? ରାଜା ସେକଥାକୁ ଜମା ବିଶ୍ୱାସ କରିପାରିଲେ ନାହିଁ ।

ଲୋକଟି ପୁଣି କହିଲା- ହଜୁର ! ତେନାଲି ବହୁଦିନ ଧରି ମନ ଦୁଃଖରେ ଥିଲେ । ସବୁବେଳେ କହୁଥିଲେ ମହାରାଜାଙ୍କର ଯଦି ଦେଖା ନ ମିଳିଲା ତେବେ ଏମିତି ବଞ୍ଚି ରହି କି ଲାଭ ? ଏହା କହି ଲୋକଟି ସେଠାରୁ ଚାଲିଗଲା ।

ସେ ଚାଲିଗଲା ପରେ ମହାରାଜା ଦୁଃଖରେ ଭାଙ୍ଗି ପଡିଲେ । ସେ ଆଉ ବେଶୀ ସମୟ ସଙ୍ଗୀତ ଶୁଣିବାରେ ନଦେଇ କେବଳ ସକାଳ ସମୟଟା ସଙ୍ଗୀତ ଶୁଣିଲେ ।

ତାପରେ ଦରବାରକୁ ଯାଇ ଲୋକଙ୍କର ସୁଖଦୁଃଖ ବୁଝିଲେ । ଏପରିକି ରାତିରେ ନିଜର ବେଶ ବଦଳାଇ ନଗର ସାରା ଘୂରି ବୁଲିଲେ ।

Digitized by srujanika@gmail.com



ଥରେ ରାତିରେ ରାଜା ନଗରରେ ବୁଲୁଥିଲେ । ହଠାତ୍ ସେ ଭାବିଲେ ତେନାଲି ସିନା ମରିଗଲେ ଏବେ ତାଙ୍କ ପରିବାରର ଅବସ୍ଥା କିପରି ଥିବ ? ଏହି କଥା ଭାବି ଭାବି ସେ ଯାଇ ତେନାଲିଙ୍କ ଘରେ ପହଞ୍ଚିଗଲେ । ସେଠାରେ ଯାଇ ଦେଖିଲେ ତେନାଲି ନିଜ ଘରେ ଆରାମରେ ଶୋଇ ରହିଛନ୍ତି । ତାଙ୍କୁ ନିଦରୁ ଉଠାଇ ରାଜା ପଚାରିଲେ- ଆଛା ତେନାଲି ! ତୁମେ ପରା ମରି ଯାଇଥିଲ ?

ତେନାଲି ସଙ୍ଗେ ସଙ୍ଗେ ଉଠି ପଡ଼ି କହିଲେ ''ହଁ ହଜୁର ! ପ୍ରଜାଙ୍କ ଭଳି ଆପଣଙ୍କ ଦର୍ଶନ ପାଇଁ ମୋର ପରା ଏଇଟା ଦ୍ୱିତୀୟ ଜନ୍ମ ହୋଇଛି !''

ରାଜା ସଙ୍ଗେ ସଙ୍ଗେ ତେନାଲିଙ୍କୁ କୁଣ୍ଢାଇ ପକାଇ କହିଲେ- ତୁମର ଚତୁର ପଣିଆ ମୁଁ ବୁଝିସାରିଛି । ଏବେ କାଲିଠାରୁ ଦରବାରକୁ ଆସ । ତୁମବିନା ମତେ କିଛି ଭଲ ଲାଗୁନାହିଁ ।

ପରଦିନଠାରୁ ତେନାଲି ପୁଣି ଦରବାରକୁ ଗଲେ ଓ ରାଜାଙ୍କୁ ପୂର୍ବଭଳି ମଜାକଥା କହି ଖୁସି କରାଇଲେ ।

Digitized by srujanika@gmail.com

ଥଳୀ କାହାର

ଥରେ ବିଜୟ ନଗର ରାଜ୍ୟରେ ଦୁର୍ଭିକ୍ଷ ପଡ଼ିଲା । ଯାହା ଫଳରେ ପ୍ରଜାମାନଙ୍କର ଥଇଥାନ ପାଇଁ ରାଜକୋଷରୁ ସବୁଧନ ଖାଲି ହୋଇଗଲା । ତେଣୁ ରାଜା କୃଷ୍ଣଦେବ ରାୟ ବ୍ୟସ୍ତ ହୋଇପଡ଼ିଲେ । କଣ କରିବେ, ଏଇ ଚିନ୍ତାରେ ତାଙ୍କ ମୁଣ୍ଡ କିଛି କାମ କଲା ନାହିଁ ।

ଦିନକର କଥା । ରାଜା ଦରବାରରେ ବସିଥିଲେ । ଏତିକିବେଳେ କୃଷକଟିଏ ଆସି ସେଠାରେ ପହଞ୍ଚିଲା । ତା' ହାତରେ ବଡ଼ ଥଳୀଟିଏ ଥାଏ । ଥଳୀଟିକୁ ରାଜାଙ୍କ ଆଗରେ ରଖିଦେଇ କହିଲା- ହଜୁର ! ବାଟରେ ଆସିଲାବେଳେ ଏଇଟିକୁ ପାଇଲି । ଏଥିରେ ବୋଧହୁଏ ସୁନାମୋହର ରହିଛି । ତେଣୁ ଏହାକୁ ତା'ର ମାଲିକ ପାଖରେ ପହଞ୍ଚାଇଦେଲେ ଭଲ ହୁଅନ୍ତା । ଥଳୀଟିକୁ ହରାଇ ବିଚରା କି ବ୍ୟସ୍ତ ହେଉ ନ ଥିବ !

ରାଜା ଥଳୀଟି ଖୋଲି ଦେଖନ୍ତି ତ ତା ଭିତରେ ହଜାରେ ସୁନାମୋହର ରହିଛି । ତେବେ ଥଳୀଟି କେମିତି ତା ମାଲିକ ହାତକୁ ଯିବ, ସେଇ ଚିନ୍ତାରେ ରାଜା ବ୍ୟସ୍ତ ହୋଇପଡ଼ିଲେ । ସେକଥା ଶୁଣି ମନ୍ତ୍ରୀ କହିଲେ- ରାଜ୍ୟରେ ଏ ବିଷୟରେ ଘୋଷଣା କରି ଦିଆଯାଉ । କିନ୍ତୁ ଘୋଷଣା କରିବାରେ ତ ବହୁତ ଅର୍ଥ ଖର୍ଚ୍ଚ ହୋଇଯିବ !

ରାଜା କହିଲେ ଏଇ ସାଧାରଣ କଥାରେ ଯଦି ଏତେ ଅର୍ଥ ବ୍ୟୟ ହେବ, ତେବେ ଅନ୍ୟ ଲୋକମାନେ ଏ ଦୁର୍ଭିକ୍ଷରେ କଣ କରିବେ ? ତେଣୁ ଏମିତି ଏକ ବ୍ୟବସ୍ଥା କରାଯାଉ, ଯାହା ଫଳରେ ବିନା ଖର୍ଚ୍ଚରେ ଥଳୀଟି ତା'ର ମାଲିକ ହାତକୁ ଚାଲିଯିବ ।

ରାଜାଙ୍କର ଏମିତି ବିଚାରରେ ମନ୍ତ୍ରୀମାନେ ଅଡୁଆରେ ପଡ଼ିଲେ । କଣ କରିବେ, ଏଇ ଚିନ୍ତାରେ ଥିବାବେଳେ ଏତିକିବେଳେ ତେନାଲିରାମ ଆସି ସେଠାରେ ପହଞ୍ଚିଗଲେ । ତେନାଲିରାମ ସେକଥା

Digitized by srujanika@gmail.com

ଶୁଣି କହିଲେ- ଏହାକୁ ଆମରାଜ୍ୟର ଲୋକ ପ୍ରତିନିଧି ମାନଙ୍କ ଆଗରେ କହିଲେ ଭଲ ହେବ ।

ତାଙ୍କ କଥାଶୁଣି ମନ୍ତ୍ରୀମାନେ ବିଚାର କଲେ ଯାହାହେଉ ସାରା ରାଜ୍ୟରେ ତେନାଲିରାମ ନିଶ୍ଚୟ ଅପଦସ୍ଥ ହେବେ ! ତା'ପରେ ସାରା ରାଜ୍ୟର ଲୋକପ୍ରତିନିଧିମାନଙ୍କୁ ଆସିବାକୁ କୁହାଗଲା । ରାଜାଙ୍କ ଘୋଷଣା ଶୁଣି ସାରା ରାଜ୍ୟର ଲୋକପ୍ରତିନିଧିମାନେ ବିଜୟନଗରରେ ଏକାଠି ହେଲେ । ରାଜା ସେମାନଙ୍କ ଆଗରେ ତେନାଲିରାମଙ୍କୁ ପଚାରିଲେ- ''ଆଚ୍ଛା ତେନାଲି ! ଏମାନେ ତ ଆସିଲେ ଏବେ ଥଳୀ ଖୋଜିବାର ଉପାୟ କଣ କୁହ ?''

ତେନାଲିରାମ କହିଲେ- ମହାରାଜ, ଏମାନେ ତ ସମସ୍ତେ ଏଠାରେ ଅଛନ୍ତି । ପ୍ରଥମେ ଆମ ରାଜ୍ୟର ଆର୍ଥିକ ସଂକଟ କିପରି ଦୂର ହେବ, ତାର ଉପାୟ ସ୍ଥିର କରିବାକୁ କୁହନ୍ତୁ । ତା' ସହିତ ଏଇ ଥଳୀର ମାଲିକଟି କିଏ, ତାହା ସେମାନେ ନିଜ ନିଜର ଅଞ୍ଚଳରୁ ଖୋଜି ବାହାର କରିବେ ବୋଲି ଆଦେଶ ଦିଅନ୍ତୁ । ଏମିତି କଲେ ବିନା ଖର୍ଚ୍ଚରେ ଥଳୀଟିର ମାଲିକ କିଏ ସହଜରେ ଜଣା ପଡ଼ିଯିବ ।

ତେନାଲିରାମଙ୍କର ସେ କଥା ଶୁଣି ରାଜା ବହୁତ ଖୁସି ହୋଇଗଲେ । ସମସ୍ତଙ୍କ ସହଯୋଗରେ ଥଳୀର ମାଲିକ ମଧ୍ୟ ଜଣାପଡ଼ିଗଲା ।

Digitized by srujanika@gmail.com

ଲୁଣ କୁଆଡ଼େ ଗଲା

ଥରେ ରାଜା କୃଷ୍ଣଦେବ ରାୟ ବଣଭୋଜି କରିବା ପାଇଁ ସ୍ଥିର କଲେ । ଏଥିପାଇଁ ଯାହାସବୁ ଦରକାର ତାର ଦାୟିତ୍ୱ ତେନାଲିରାମଙ୍କ ଉପରେ ଦିଆଗଲା । ତେନାଲି ମଧ୍ୟ ରୋଷେଇ ଦାୟିତ୍ୱ ନିଜେ ରଖି ଆଉ ସବୁ କାମ ଲୋକମାନଙ୍କ ମଧ୍ୟରେ ବାଣ୍ଟିଦେଲେ ।

ଠିକ୍ ସମୟରେ ବଣଭୋଜି ଆରମ୍ଭ ହେଲା । କିଛି ଲୋକ ବୁଲିବାପାଇଁ ବାହାରିଲେ । ତେନାଲିମଧ୍ୟ ତାଙ୍କ ସହିତ ବୁଲି ବାହାରିଲେ । ତାଙ୍କୁ ଯିବାର ଦେଖି ରାଜା କହିଲେ- ତୁମେ ପୁଣି କେଉଁଆଡ଼େ ଯାଉଛ ? ହେଉ, ଶୀଘ୍ର ଆସିଲେ ଖାଇବା ।

ତେନାଲି ଅତି ବିନୟ ଭାବରେ କହିଲେ ମହାରାଜ ! ଜମା ଚିନ୍ତା କରନ୍ତୁ ନାହିଁ । ମୋର ଲୋକମାନେ ସବୁ ଠିକ୍ କରିଦେବେ ।

ରାଜା ବା କଣ କହିବେ ? ତେନାଲି ଯିବା ପରେ ଫେରିବାକୁ ବହୁତ ଡ଼େରିକଲେ । ସେତେବେଳକୁ ଲୋକଙ୍କୁ ଭାରି ଭୋକ ଲାଗିଲାଣି । ତେଣୁ ସଙ୍ଗେ ସଙ୍ଗେ ଭୋଜି ବଢ଼ା ହେଲା । କିନ୍ତୁ ଏ କଣ ? ଯିଏ ଥରୁଟିଏ ପାଟିକୁ ନେଲା ଆଉ ଦ୍ୱିତୀୟଥର ଖାଇବାକୁ ମନ ବଳାଇଲା ନାହିଁ । ଖଲି ଥୁ ଥା କରି ଫୋପାଡ଼ିଲା । କାରଣ ତରକାରୀ ଅଲଣା ଲାଗୁଥିଲା । ରାଜା ମଧ୍ୟ ରାଗି ଯାଇଥିଲେ । ଏସବୁ ଯେ ତେନାଲିର କାମ ତାଙ୍କୁ ବୁଝିବାକୁ ଡ଼େରି ଲାଗିଲା ନାହିଁ । ତେଣୁ ସେ ତେନାଲିରାମଙ୍କ ଉପରେ ବିରକ୍ତ ହେଲେ ।

ତେନାଲି ରାଜାଙ୍କଠାରୁ ଗାଳି ଖାଉଥିବାର ଦେଖି ଅନ୍ୟମାନେ ଭାରି ଖୁସି ହେଉଥିଲେ । କିନ୍ତୁ ତେନାଲି ରୋଷେଇ ଘରୁ ଲୁଣଡ଼ିବାଟି ସଙ୍ଗେ ସଙ୍ଗେ ମଗାଇଲେ । ତାକୁ ଟିକେ ପରୀକ୍ଷା କରି ଦେଖିଲେ ଆଉ ରାଜାଙ୍କୁ କଣ ଚୁପ୍‌ଚୁପ୍ କରି କହିଲେ ।

ରାଜା ମଧ୍ୟ ସେଇ ଡ଼ିବାଟିକୁ ଭଲ କରି ପରୀକ୍ଷା କରି ଦେଖିଲେ । ତାପରେ ସମସ୍ତଙ୍କୁ ଜଣ ଜଣ କରି ତାଙ୍କ ପାଖକୁ

Digitized by srujanika@gmail.com

ଆସିବାକୁ ନିର୍ଦ୍ଦେଶ ଦେଲେ । ମନ୍ତ୍ରୀଙ୍କର ଦେହରକ୍ଷୀ ଯେତେବେଳେ ଆସିଲେ, ସେତେବେଳେ ସୈନ୍ୟମାନେ ତାଙ୍କୁ ବନ୍ଦୀ କରିନେଲେ । ବନ୍ଦୀ ହୋଇ ଦେହରକ୍ଷୀଟି ସବୁକଥା ମାନିଗଲା । ତା ସହିତ କହିଲା- ହଜୁର ! ଏସବୁ କରିବା ପାଇଁ ମତେ ମନ୍ତ୍ରୀ କହିଥିଲେ । କାରଣ ତେନାଲିରାମ ହଇରାଣ ହୋଇ ରାଜାଙ୍କଠାରୁ ଗାଳି ଖାଆନ୍ତୁ, ଏହା ସେ ଚାହୁଁଥିଲେ ।

ତରକାରୀରେ ଯେ କାହିଁକି ଲୁଣ ପଡ଼ି ନ ଥିଲା ତାହା ସମସ୍ତେ ଜାଣିଗଲେ । ତେବେ ଚୋରଟା କେମିତି ଧରା ହେଲା ?

ରାଜା କହିଲେ- ଏଇ ଡିବାରୁ ଗୋଲାପ ଅତରର ଗନ୍ଧ ବାହାରୁଥିଲା । ତେଣୁ ଯେଉଁ ଲୋକ ଏଇ ଅତର ଲଗାଇଥିବ, ସେ ହିଁ ଏକାମ କରିଥିବ ବୋଲି ଅନୁମାନ ହେଲା । ତାପରେ ପରୀକ୍ଷା କରିବାରୁ ଦେହରକ୍ଷୀ ଧରାପଡ଼ିଲା ।

ଦେହରକ୍ଷୀଟିକୁ ସଙ୍ଗେ ସଙ୍ଗେ ତା'ର ଚାକିରୀରୁ ବାହାର କରି ଦିଆଗଲା । ଆଉ ଯେଉଁ ମନ୍ତ୍ରୀ ଏଭଳି କାମ କରାଇଥିଲେ, ତାଙ୍କ ମୁହଁ ତଳକୁ ହୋଇଗଲା । ହେଲେ ତେନାଲିରାମ ଗୁଡ଼ାଏ ପୁରସ୍କାର ପାଇ ବେଶ୍ ଆନନ୍ଦିତ ହେଲେ ।

Digitized by srujanika@gmail.com

ପୋଖତ ଯାଦୁକର ଲୋଡ଼ା

ଥରେ କୃଷ୍ଣଦେବରାୟଙ୍କ ଦରବାରକୁ ଜଣେ ଯାଦୁକର ଆସି ତା'ର କୁହୁକ ଖେଳ ଲୋକଙ୍କୁ ଦେଖାଇଲା । ତା'ର ଖେଳ ଦେଖି ସମସ୍ତେ ତାକୁ ପ୍ରଶଂସା କରିବାକୁ ଲାଗିଲେ । ହେଲେ ରାଜା ବେଶୀ ପ୍ରଶଂସା କରି ନ ଥିଲେ । ସେ ତାକୁ କହିଲେ- ତୁମେ ଆମକୁ ଏମିତି ଗୋଟେ ନୂଆ ଖେଳ ଦେଖାଇବ, ଯେପରି ସେଇଟାକୁ ଆଉ କେଉଁଠି ଦେଖାଇ ନ ଥିବ ।

ଯାଦୁକର ଟିକେ ହସି ଦେଇ କହିଲା- ହଜୁର, ମୁଁ ଆପଣଙ୍କୁ ଗୁଡ଼ାଏ ପରୀ ଦେଖାଇପାରିବି । ତେବେ ପୂର୍ଣ୍ଣିମା ରାତିରେ ଆପଣ ସମସ୍ତଙ୍କୁ ନେଇ ଏଇ ପାଖ ଜଙ୍ଗଲର ପୋଖରୀ କୂଳକୁ ଯିବାକୁ ହେବ ।

ତା' କଥାରେ ରାଜା ବହୁତ ଖୁସି ହୋଇଗଲେ । ପୂର୍ଣ୍ଣିମା ରାତିକୁ ଅପେକ୍ଷା କରି ରହିଲେ । ପୂର୍ଣ୍ଣିମା ରାତିରେ ନିଜର ଲୋକମାନଙ୍କୁ ଧରି ନଗରର ଦ୍ୱାର ନିକଟରେ ପହଞ୍ଚି ଦେଖିଲେ ଦ୍ୱାରଟି ବନ୍ଦ୍ କରାଯାଇଛି । ଆଉ ବା ଯିବେ କିପରି ? ମନେ ମନେ ବହୁତ ରାଗିଲେ ଆଉ ନିରବ ରହିଲେ ।

ତେବେ ସେ ଦ୍ୱାରଟିକୁ ବନ୍ଦ୍ କଲା କିଏ ? ରାଜା ଜାଣିବାକୁ ପାଇଲେ ତେନାଲିରାମଙ୍କ ନିର୍ଦ୍ଦେଶରେ ତାହା କରାଯାଇଛି । ରାଜା ରାଗିଯାଇ ତେନାଲିଙ୍କୁ ବାନ୍ଧିଆଣିବାକୁ ଆଦେଶ ଦେଲେ । ରାଜାଙ୍କ ଲୋକମାନେ ନିର୍ଦ୍ଦେଶ ପାଇ ସଙ୍ଗେ ସଙ୍ଗେ ତେନାଲିଙ୍କୁ ଧରି ଆଣିଲେ । ରାଜା ତାଙ୍କୁ ପାଖରେ ଦେଖି ପଚାରିଲେ- ଆଛା ତେନାଲି ! ତୁମେ ଏ ନଗରଦ୍ୱାର ବନ୍ଦ୍ କରିବାକୁ ସାହସ କଲ କିପରି ? ଆଜି ମୁଁ ପରୀ ଦେଖିବାକୁ ଯିବାର ଥିଲା ବୋଲି କଣ ତୁମେ ଜାଣି ନାହଁ ?

ତେନାଲିରାମ ସଙ୍ଗେ ସଙ୍ଗେ ହାତଯୋଡ଼ି ବିନୟର ସହିତ କହିଲେ- ହଜୁର, ଆପଣ ଯେଉଁ ପରୀମାନଙ୍କୁ ଦେଖିବାକୁ ସେଠାକୁ ଯାଇଥାନ୍ତେ, ସେମାନେ ତ ସବୁ ଏଠାରେ ଅଛନ୍ତି । କାଳେ କେଉଁ ଆଡ଼େ ଚାଲିଯିବେ, ସେଥିପାଇଁ ମୁଁ ଦ୍ୱାରକୁ ବନ୍ଦ୍ କରି ଦେଇଥିଲି ।

Digitized by srujanika@gmail.com

ସେ କଥା ଶୁଣି ରାଜାଟିକେ ଆଶ୍ଚର୍ଯ୍ୟ ହୋଇ ତେନାଲିଙ୍କୁ ଚାହିଁ ରହିଲେ । ତେନାଲି ସଙ୍ଗେ ସଙ୍ଗେ ଇସାରା ଦେବାରୁ କିଛି ସୈନ୍ୟ ବାହାରି ଆସିଲେ । ସେମାନଙ୍କୁ ଦେଖି ରାଜାଙ୍କ ମନରେ ସନ୍ଦେହ ଆହୁରି ବଢ଼ିଗଲା ।

ଏହି ସମୟରେ ତେନାଲିରାମ କହିଲେ- ହଜୁର ! ଯେଉଁଦିନ ଘୋଷଣା ଶୁଣିଲି ଯେ ଏ ନଗରର ଲୋକଙ୍କ ସହିତ ଆପଣ ପରୀ ଦେଖିବା ପାଇଁ ବାହାରକୁ ଯିବେ । ସେଇଦିନଠାରୁ ମୋ ମନରେ ଟିକେ ସନ୍ଦେହ ଦେଖାଦେଲା । ଅସଲ ରହସ୍ୟଟା କଣ ଜାଣିବା ପାଇଁ ମୁଁ ଗୁପ୍ତଚରଙ୍କୁ ଏଥିରେ ଲଗାଇଲି । ଆଉ ଯାହା ଜାଣିଲି, ସେଇଥିପାଇଁ ବାଧ୍ୟ ହୋଇ ମୁଁ ଏପରି କଲି ।

ସେକଥା ଶୁଣି ରାଜାଙ୍କର ଆଗ୍ରହ ଆହୁରି ବଢ଼ିଗଲା । ସେ ତେନାଲିଙ୍କୁ ସବୁକଥା କହିବା ପାଇଁ ଆଦେଶ ଦେଲେ ।

ତେନାଲିରାମ କହିଲେ- ହଜୁର, ଏଇଟା ଆମ ଶତ୍ରୁପକ୍ଷ ରାଜାଙ୍କର ଗୋଟିଏ ନୂଆ କୌଶଳ ଥିଲା । ଏମିତି ଏକ ନୂଆ ଉପାୟକରି ସେମାନେ ଧନ ଲୁଟି ନେବାକୁ ମନ ବଳାଇଥିଲେ । ପ୍ରକୃତରେ ସେ ପରୀଗୁଡ଼ାକ ନକଲି ଥିଲେ ।

ପରୀବେଶରେ ଥିବା ଶତ୍ରୁପକ୍ଷର ସୈନ୍ୟମାନଙ୍କୁ ସଙ୍ଗେ ସଙ୍ଗେ ଜେଲ୍‌ଖାନାକୁ ପଠାଇଦିଆଗଲା । ତାପରେ ରାଜା ତେନାଲିରାମଙ୍କୁ କହିଲେ- ଆଚ୍ଛା ତେନାଲି, ତୁମେ ତ ନକଲି ପରୀ ଦେଖାଇଲ, ଏବେ ଅସଲି ପରୀ କେଉଁ ଦିନ ଆମକୁ ଦେଖାଇବ ?

ତେନାଲିରାମ ଟିକେ ହସି ଦେଇ କହିଲେ- ହଜୁର, ସେଥିପାଇଁ ଗୋଟାଏ ପୋଖତ ଯାଦୁକର ଦରକାର ।

Digitized by srujanika@gmail.com

ପ୍ରକୃତ ଅପରାଧୀ

ଥରେ କୃଷ୍ଣଦେବ ରାୟ ନିଜ ଦରବାରରେ ବସିଥିଲାବେଳେ ଜଣେ ଲୋକ ଆସି ଅଭିଯୋଗ ଜଣାଇ କହିଲା- ହଜୁର, ମୁଁ ତୀର୍ଥଯାତ୍ରା କରିବା ପାଇଁ ବାହାରକୁ ଯାଇଥିଲି । ଗଲାବେଳେ ଏଇ ନଗରର ଧନପତିଙ୍କ ଘରେ ମୋର ଥଳୀଟିକୁ ରଖିଥିଲି । ତା ଭିତରେ ହଜାରେ ସୁନାମୋହର ଥିଲା । ଆଜି ବିଦେଶରୁ ଫେରି ଥଳୀଟିକୁ ଆଣିବାକୁ ଯାଇଥିଲି । ହେଲେ ତା ଭିତରେ ସୁନାମୋହର ବଦଳରେ ଖାଲି ଗୁଡ଼ାଏ ଗୋଡ଼ିଥିଲା । ମୋ ଧନ କେମିତି ପାଇବି ଏଥିପାଇଁ ଆପଣ ଟିକେ ସାହାଯ୍ୟ କରନ୍ତୁ ।

ରାଜା ଲୋକଟିର ଅଭିଯୋଗ ଶୁଣି ସଙ୍ଗେ ସଙ୍ଗେ ଧନପତିଙ୍କୁ ଡକାଇ ପଠାଇଲେ । ଧନପତି ରାଜାଙ୍କ ପାଖକୁ ଆସି କହିଲେ- ହଜୁର, ଏ ଲୋକଟା ମିଛ କହୁଛି । ତା' ଥଳୀ ଯେମିତି ଥିଲା, ମୁଁ ତାକୁ ସେମିତି ଫେରାଇ ଦେଇଛି । ଏଥିରେ ଗୋଡ଼ି ଛଡ଼ା ଆଉ କିଛି ନ ଥିଲା ।

ଧନପତିଠାରୁ ଏପରି କଥାଶୁଣି ରାଜା ଅଡୁଆରେ ପଡ଼ିଲେ । କାହା କଥା ସତ ଆଉ କାହା କଥା ମିଛ, ଜାଣିବେ ବା କିପରି ? ପ୍ରକୃତ ଦୋଷୀକୁ ଜାଣିଲେ ସିନା ଦଣ୍ଡଦେବେ ! ଏଇ ସମସ୍ୟାର ସମାଧାନ ପାଇଁ ପାଖରେ ବସିଥିବା ମନ୍ତ୍ରୀମାନଙ୍କୁ ଜଣାଇଲେ । ହେଲେ କାହାରି ମୁଣ୍ଡକୁ କିଛି ବୁଦ୍ଧିବାଟ ଦିଶିଲା ନାହିଁ ।

ଏତିକିବେଳେ ତେନାଲିରାମ କହିଲେ- ମହାରାଜ, ଆପଣ ଯଦି ମତେ ଅନୁମତି ଦିଅନ୍ତେ, ମୁଁ ତାର ଉପଯୁକ୍ତ ଉପାୟ ବାହାର କରି ସମାଧାନ କରିଦେବି । ରାଜା ସଙ୍ଗେସଙ୍ଗେ ସେ କାର୍ଯ୍ୟର ଭାର ତେନାଲିଙ୍କ ଉପରେ ଦେଇ ଟିକେ ଶାନ୍ତିରେ ନିଃଶ୍ୱାସ ମାରିଲେ ।

ତେନାଲି ରାଜାଙ୍କ ଆଦେଶ ପାଇ ଧନପତିଙ୍କୁ କହିଲେ- ତୁମେ ହିଁ ଅପରାଧୀ । ଥଳୀରେ ଯେତିକି ଗୋଡ଼ିଅଛି, ତା'ର ଦୁଇଗୁଣ ସୁନାମୋହର ତାକୁ ଦେଇ ପକାଅ ।

Digitized by srujanika@gmail.com

ଏଭଳି ଆଦେଶ ଶୁଣି ଧନପତି ଜଣକ ଭାରି ବ୍ୟସ୍ତ ହୋଇ ପଡ଼ିଲେ । ସେ ତା'ର କାରଣ କିଛି ଜାଣିପାରିଲେ ନାହିଁ ।

କିନ୍ତୁ ତେନାଲିରାମଙ୍କର ଏପରି ବିଚାର ଶୁଣି ଆରଲୋକଟି ଭାରି ଖୁସି ହୋଇଗଲା । ତେନାଲିରାମ ସଙ୍ଗେ ସଙ୍ଗେ ଥଳୀଟାକୁ ଧରି ଓଲଟାଇ ଦେଲେ । ଗୋଡ଼ିଗୁଡ଼ାକୁ ହାତରେ ଏପଟସେପଟ କରି କହିଲେ- ''ଠିକ୍ ଅଛି । ଏତକ ଛଅଶହ ହେବ । ତେଣୁ ତାର ବଦଳରେ ତୁମେ ବାରଶହ ସୁନାମୋହର ଦେଇଦିଅ ।''

ଏତିକିବେଳେ ସେଇ ଲୋକଟି ହଠାତ୍ କହି ପକାଇଲା ନା - ନା । ଗୋଡ଼ିତକ ହଜାରେ ହେବ । ତେଣୁ ସେଇ ହିସାବରେ ମୋର ଦୁଇହଜାର ସୁନାମୋହର ପାଇବାର ଦାବୀ ଅଛି ।

ତେନାଲି ସଙ୍ଗେସଙ୍ଗେ କହି ପକାଇଲେ- ଏଥିରେ ହଜାରେ ଗୋଡ଼ି ଅଛି ବୋଲି ତୁମେ କିପରି ଜାଣିଲ ?

ବିଚରା ଲୋକଟି ଆଉ କରିବ କ'ଣ ? କହିତ ଦେଇଛି । ଆଉ ଯାଉଛି କେଉଁଆଡ଼େ ? ରାଜଦଣ୍ଡ ଭୟରେ ବାଧ୍ୟ ହୋଇ ନିଜର ଅସଲ ଫିକରଟି ରାଜାଙ୍କ ଆଗରେ ଖୋଲି କହିଲା ।

ରାଜା ସଙ୍ଗେ ସଙ୍ଗେ ସେଇ ଲୋକଟିକୁ ବନ୍ଦୀଶାଳାକୁ ପଠାଇଦେଲେ । ତେନାଲିରାମଙ୍କର ଏଇ ବୁଦ୍ଧିପାଇଁ ତାଙ୍କୁ ମଧ୍ୟ ପୁରସ୍କାର ଦେଲେ ।

Digitized by srujanika@gmail.com

ଜୋତା ମାଲିକ କି ଦଣ୍ଡ ପାଇବେ

ଥରେ ଜଣେ ଗରିବ ଲୋକ କିଛି ସାହାଯ୍ୟ ପାଇଁ ତେନାଲିରାମଙ୍କ ପାଖକୁ ଆସିଲେ । ତେନାଲି ତାକୁ କହିଲେ- ତୁମେ ଦରବାରକୁ ଆସି ତୁମକଥା ରାଜାଙ୍କୁ ଶୁଣାଅ । ରାଜା ତୁମକୁ ନିଶ୍ଚୟ ସାହାଯ୍ୟ କରିବେ । ଲୋକଟି ହାତ଼ରେ ପୁରୁଣା ପୋଥିଟିଏ ଦେଇ ତେନାଲି ପୁଣି କହିଲେ- ଏଇଟିକୁ ମଧ୍ୟ ସାଙ୍ଗରେ ନେଇଥିବ ।

ଲୋକଟି ସେଇ ପୋଥିକୁ ତା' ଗାମୁଛାରେ ବାନ୍ଧି ଦରବାରରେ ପହଞ୍ଚିଲା । ଦ୍ୱାରପାଳ ତାକୁ ଆସିବାର କାରଣ ପଚାରିବାରୁ ସେ ସବୁକଥା କହିଦେଲା । ସେତେବେଳକୁ ତେନାଲିରାମ ସେଠାକୁ ଆସି ନ ଥାନ୍ତି । ସେ ସେହିଠାରୁ କିଛି ଦୂରରେ ଥାଇ ଲୁଚିକରି ଏସବୁ ଦେଖୁଥାନ୍ତି ।

ଏତିକିବେଳେ ରାଜ ପୁରୋହିତ ସେଠାରେ ଆସି ପହଞ୍ଚିଲେ । ଦ୍ୱାରପାଳ ତାଙ୍କୁ ସବୁକଥା କହିଲେ । କିନ୍ତୁ ସେ ଲୋକଟିର ଗାମୁଛାରୁ ପୋଥିଟିକୁ ନେଇଯାଇ ତା'ବଦଳରେ ନିଜର ପଟେ ଜୋତା ସେଥିରେ ବାନ୍ଧିଦେଇ ଚାଲିଗଲେ ।

କିଛି ସମୟ ପରେ ତେନାଲିରାମ ସେଠାକୁ ଆସିଲେ । ସେ ସେଇ ଲୋକଟିକୁ ସାଥୀରେ ଧରି ରାଜଦରବାରକୁ ଗଲେ । ରାଜାଙ୍କୁ ଅନୁରୋଧ କରି କହିଲେ- "ହଜୁର ! ଏ ଲୋକଟି ଗୋଟିଏ ଦୁର୍ଲ୍ଲଭ ପୋଥି ସାଙ୍ଗରେ ଆଣିଛନ୍ତି । ସେ ସେଇଟିକୁ ଆଜି ଆପଣଙ୍କୁ ଭେଟି ଦେବାକୁ ଚାହୁଁଛନ୍ତି ।"

ରାଜା ଅତି ଆଗ୍ରହରେ ଲୋକଟିର ଗାମୁଛା ଖୋଲି ଦେଖିଲାବେଳେ ସେଥିରେ ବନ୍ଧା ହୋଇଥିବା ଜୋତାଟି ଖସି ଯାଇ ତଳେ ପଡ଼ିଗଲା । ଫଳରେ ରାଜା ରାଗିଯାଇ ତେନାଲିରାମ ଓ ସେଇ ଲୋକଟିକୁ ମୃତ୍ୟୁଦଣ୍ଡ ଆଦେଶ ଦେଲେ ।

ତେନାଲିରାମଙ୍କୁ ମୃତ୍ୟୁଦଣ୍ଡ ଦିଆଯିବା କଥା ଶୁଣି ରାଜପୁରୋହିତ ମନେ୍ ମନେ ଭାରି ଖୁସି ହୋଇଗଲେ । ହେଲେ

Digitized by srujanika@gmail.com

ତେନାଲିରାମଙ୍କୁ ଏହାର ଅସଲ ରହସ୍ୟଟିକୁ ବୁଝିବାପାଇଁ ଆଉ ବେଶୀ ସମୟ ଲାଗିଲା ନାହିଁ। ସେ ସଙ୍ଗେ ସଙ୍ଗେ ହାତଯୋଡ଼ି ରାଜାଙ୍କୁ କହିଲେ- ହଜୁର ! ମୁଁ ତ ମରିବି। ତେବେ ତା' ପୂର୍ବରୁ ମୋର ଗୋଟିଏ ଗୁହାରି ଆପଣଙ୍କୁ ଜଣାଇବାର ଅଛି।

ରାଜା କହିଲେ- କଣ କହିବାର ଅଛି ଶୀଘ୍ର କୁହ।

ସେ ସଙ୍ଗେ ସଙ୍ଗେ ସେଇ ଜୋତାଟିକୁ ଉଠାଇ ନେଇ ଶୁଙ୍ଘି ଦେଇ କହିଲେ- ''ହଜୁର, ଜୋତାର ମାଲିକ ମଧ୍ୟ ଦଣ୍ଡ ପାଇବ। କାରଣ ଏଇ ଜୋତାରୁ ଅତରର ଗନ୍ଧ ଆସୁଛି। ଏଥିରେ ପାଞ୍ଚଆଙ୍ଗୁଠି ସ୍ଥାନରେ ଚାରିଆଙ୍ଗୁଠିର ଚିହ୍ନ ଅଛି। ଏଥିରୁ ଜଣାପଡୁଛି ଏଇ ଜୋତାଟି ରାଜ ପୁରୋହିତଙ୍କର। କାରଣ ସେ ହିଁ କେବଳ ଜଣେ ଲୋକ ଯିଏ ନିଜର ପାଦରେ ମଧ୍ୟ ଅତର ଲଗାଇଥାନ୍ତି। ତା ଛଡ଼ା ତାଙ୍କର ବାଁ ଗୋଡ଼ରେ ଚାରିଟା ଆଙ୍ଗୁଠି ଅଛି।''

ତା ପରେ ରାଜାଙ୍କୁ ଅସଲ କଥାଟା ବୁଝିବାକୁ ଡେ଼ରି ଲାଗିଲା ନାହିଁ। ସେ ନିଜର ଭୁଲ୍ ବୁଝିପାରି ଲୋକଟିକୁ ଅନେକ ଧନରତ୍ନ ଦେଇ ବିଦାୟ ଦେଲେ। ତା' ସହିତ ତେନାଲିରାମଙ୍କର ଉପସ୍ଥିତ ବୁଦ୍ଧିପାଇଁ ବହୁତ ପ୍ରଶଂସା କଲେ। ହେଲେ ବିଚରା ରାଜପୁରୋହିତ ଜଣକ ନିଜର କାମ ପାଇଁ ରାଜ ଦରବାରରେ ଅପମାନିତ ହେଲେ।

Digitized by srujanika@gmail.com

ଯୋଗୀ ତ ପ୍ରସ୍ତୁତ ନ ଥିଲେ

ରାଜଦରବାରରେ ତେନାଲିରାମଙ୍କର ଉପସ୍ଥିତ ବୁଦ୍ଧି ଆଉ ରାଜାଙ୍କର ପ୍ରଶଂସା ଶୁଣି ଅନ୍ୟମାନେ ତାଙ୍କୁ ଭାରି ଈର୍ଷା କରୁଥିଲେ । ଥରେ ସେଇ ଈର୍ଷାଳୁ କର୍ମଚାରୀମାନେ ଚିନ୍ତାକଲେ ଏବେ ତ ଦୁଇଚାରି ଜଣ ମନ୍ତ୍ରୀ ସନ୍ନ୍ୟାସୀ ହୋଇଗଲେଣି । ତେନାଲିରାମଙ୍କୁ ସେପରି ସନ୍ନ୍ୟାସ ଧର୍ମ ଗ୍ରହଣ କରିବାକୁ ରାଜି କରାଇଲେ କେମିତି ହୁଅନ୍ତା ? କାରଣ ଏଇ ବୁଢ଼ାମାନେ ଚାଲିଗଲେ ନୂଆ ଯୁବକମାନେ ମଧ୍ୟ ସେଇ ପଦରେ ରହିପାରିବେ । ତେଣୁ କିଛି କର୍ମଚାରୀ ତେନାଲିରାମଙ୍କୁ ଏ ପ୍ରସ୍ତାବ ଦେବାକୁ ପ୍ରସ୍ତୁତ ହୋଇଗଲେ ।

ତେନାଲିରାମ ସେ କଥା ଶୁଣି କହିଲେ- ହଁ ଭାଇ ! ତୁମର ଏଇ ପ୍ରସ୍ତାବ ସ୍ୱାଗତ ଯୋଗ୍ୟ । ମୁଁ ବା ଆଉ କେତେଦିନ ଏଠାରେ ଥିବି ? ତା'ପୂର୍ବରୁ କିଛି ନୂଆଲୋକ ଆସିବା ଉଚିତ୍ ।

ତେନାଲିରାମ ସହଜରେ ରାଜି ହୋଇଯିବାର ଦେଖି ସେମାନେ ଭାରି ଖୁସି ହୋଇଗଲେ । ସମସ୍ତେ ପାଖରେ ଥିବା ଦେବୀମନ୍ଦିର ପାଖକୁ ଗଲେ । ସେଠାରେ ଥିବା ଯୋଗୀଙ୍କୁ ତାଙ୍କ ମନକଥା ଜଣାଇଲେ । ଯୋଗୀଜଣକ ଏକାବେଳକେ ଏତେଗୁଡ଼ାଙ୍କୁ ସନ୍ନ୍ୟାସ ଦୀକ୍ଷା ଦେବା ବଦଳରେ ଦିନକୁ ଜଣ ଜଣ କରି ଦୀକ୍ଷା ଦେବାକୁ ରାଜିହେଲେ । ତେବେ ସେ ଦୀକ୍ଷା ଦେବା ପୂର୍ବରୁ ଜଣ ଜଣ କରି ଦୀକ୍ଷା ନେବାର କାରଣ ପଚାରିଲେ । କିଏ କହିଲା ଭଗବାନଙ୍କୁ ଭଜନ କରିବ ତ ଆଉ କିଏ କହିଲା ମନର ଶାନ୍ତି ପାଇଁ ଦୀକ୍ଷା ନେବ ।

କିଛି ଦିନ ପରେ ତେନାଲିରାମଙ୍କର ପାଳି ପଡ଼ିଲା । ସେ ଆସି କହିଲେ- ''ମୁଁ ମରିବା ପରେ ରାଜଭୋଗ କରିବା ପାଇଁ ଇଚ୍ଛା କରୁଛି । ଦୀର୍ଘାୟୁ ହେବା ପାଇଁ ଏଇ ସନ୍ନ୍ୟାସ ଦୀକ୍ଷା ନେବାକୁ ଚାହୁଁଛି ।''

Digitized by srujanika@gmail.com

ଏସବୁ କଥା ଶୁଣି ଯୋଗୀ ଜଣକ ଟିକେ ବିଗିଡ଼ି ଯାଇ କହିଲେ- ତୁମ ଦ୍ୱାରା ଏ ଦୀକ୍ଷା ନେଇ ହେବନାହିଁ । ଆରେ ବାବୁ ! ତୁମ ମନରେ ତ ଏପର୍ଯ୍ୟନ୍ତ ରାଜଭୋଗ ସୁଖ କରିବାର ଇଚ୍ଛା ରହିଛି । ତୁମେ ସନ୍ୟାସୀ ହେବ ବା କିପରି ?

ତେନାଲିରାମ ଯେତେ କହିଲେ ମଧ୍ୟ ଯୋଗୀଜଣକ ଜମା ରାଜି ହେଲେ ନାହିଁ । ହେଲେ ସେତେବେଳକୁ ଅନ୍ୟ ବୁଢ଼ା ମନ୍ତ୍ରୀମାନେ ତ ସନ୍ୟାସ ଦୀକ୍ଷା ନେଇସାରିଥାନ୍ତି । ଆଉ ବା କ'ଣ କରିବେ ? ସେମାନଙ୍କର ଆଶା ତ ପୂରଣ ହେଲା ନାହିଁ । ମାତ୍ର ତେନାଲିରାମ ପୁଣି ରାଜଦରବାରକୁ ଫେରି ଆସିଲେ ।

ଏତେଦିନ ପରେ ଦରବାରକୁ ଫେରି ଆସିଥିବାରୁ ରାଜା ତାଙ୍କୁ ପଚାରିଲେ- କଣ ତେନାଲି ! ତୁମେ ଏତେଦିନ ଯାଏ କେଉଁଠି ରହିଗଲ ?

ତେନାଲିରାମ ସବୁକଥା ରାଜାଙ୍କ ଆଗରେ ଶୁଣାଇବାକୁ ଯାଇ କହିଲେ- କଣ ଆଉ କରିବି ହଜୁର ! ମୁଁ ତ ଆମ ମନ୍ତ୍ରୀମାନଙ୍କ ସାଙ୍ଗରେ ସନ୍ୟାସୀ ହେବାକୁ ଚାହିଁଥିଲି । ହେଲେ ଯୋଗୀଜଣକ ଜମା ଚାହିଁଲେ ନାହିଁ । ତେଣୁ ବାଧ୍ୟ ହୋଇ ଫେରିଆସିଲି ।

ରାଜା ସବୁକଥା ଶୁଣି ହସି ହସି କହିଲେ- ସାବାସ୍ ତେନାଲି ! ସାବାସ୍ । ତୁମ ପରି ଏତେ ଚତୁର ବ୍ୟକ୍ତି ଆଉ କିଏ ଥାଇପାରେ ? ବୁଢ଼ାମନ୍ତ୍ରୀମାନଙ୍କୁ ନିଜ ରାସ୍ତାରୁ ହଟାଇ ଦେଲ ! ଏବେ ତୁମେ ପ୍ରଧାନମନ୍ତ୍ରୀ ପଦରେ ରହିବ ।

ତେନାଲିରାମ ରାଜାଙ୍କର ସେହି ଆଦେଶକୁ ମଥାପାତି ଗ୍ରହଣ କରିନେଲେ ।

Digitized by srujanika@gmail.com

ଯାଦୁକରର କରାମତି

ଥରେ ରାଜା କୃଷ୍ଣଦେବରାୟଙ୍କର ଯାଦୁଖେଳ ଦେଖିବାପାଇଁ ଭାରି ମନ ହେଲା । ତେଣୁ ରାଜ୍ୟର ନାମଜାଦା ଯାଦୁକରମାନଙ୍କୁ ଖେଳ ଦେଖାଇବା ପାଇଁ ଡ଼କାଗଲା । ତା' ସହିତ ଯିଏ ଭଲ ଖେଳ ଦେଖାଇବ, ତାକୁ ଉପଯୁକ୍ତ ପୁରସ୍କାର ଦେବାକୁ ଘୋଷଣା କରାଗଲା । ସେଥିପାଇଁ ମଧ୍ୟ ଏକ ନିର୍ଦ୍ଦିଷ୍ଟ ଦିନ ଠିକ୍ କରାଗଲା ।

ଠିକ୍ ସମୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଯାଦୁକରମାନେ ଆସି ପହଞ୍ଚିଗଲେ । ରାଜା ମଧ୍ୟ ସେମାନଙ୍କ ଖେଳ ଦେଖିବାକୁ ନିଜର ମନ୍ତ୍ରୀମାନଙ୍କ ଗହଣରେ ଆସି ସେଠାରେ ଉପସ୍ଥିତ ହେଲେ । ତା ପରେ ଯାଦୁଖେଳ ଦେଖାଇବା ଆରମ୍ଭ ହେଲା । କିଏ ନିଜର ରୁମାଲକୁ ପାରା କରି ଉଡ଼ାଇ ଦେଲା ତ ଆଉ କିଏ ଗୋଟିଏ ଚିରା କାଗଜକୁ ହଜାର ହଜାର ନୂଆ ଟଙ୍କାରେ ପରିଣତ କରିଦେଲା । ଏମିତି କିଏ କେତେ ପ୍ରକାରର ଖେଳ ଦେଖାଇବାରେ ଲାଗିପଡ଼ିଲେ ।

ଏତିକିବେଳେ ଜଣେ ବୁଢ଼ା ଯାଦୁକର ନିଜର ଖେଳ ଦେଖାଇବା ପାଇଁ ମଞ୍ଚ ଉପରକୁ ଉଠିଲେ । ତାଙ୍କର ବେଶ ପୋଷାକ ଦେଖି ଦର୍ଶକମାନେ ହସି ହସି ଗଡ଼ିଗଲେ । ମାତ୍ର ସେ ହଠାତ୍ ରାଜାଙ୍କ ଆଗରେ ଥିବା କାନ୍ଥ ଉପରକୁ ଗୋଟାଏ ଗୋଲି ଫୋପାଡ଼ି ଦେଲେ । ଗୋଲିଟି ଫୁଟିଯାଇ ଗୁଡ଼ାଏ କଳା ଧୂଆଁ ସୃଷ୍ଟି କରି ଦେଲା । ଫଳରେ ସେଠାରେ ଥିବା ଦେଖଣାହାରୀମାନେ ଭୟରେ ଆଖିବନ୍ଦ୍ କରିଦେଲେ । କିଛି ସମୟପରେ ଆଖି ଖୋଲି ଦେଖନ୍ତି ତ ତାଙ୍କ ଆଗରେ ଆଉ ଜଣେ ରାଜା କୃଷ୍ଣଦେବ ରାୟ ସିଂହାସନରେ ବସିଛନ୍ତି ।

ଦେଖଣାହାରୀମାନେ ସେ ବିଷୟରେ କିଛି କୁହାକୁହି ହେବା ଆଗରୁ ଯାଦୁକର ପୁଣି ଗୋଟିଏ ଗୋଲି ଫୋପାଡ଼ି ଦେଲେ । ଏଥର ମଧ୍ୟ ପୂର୍ବପରି ଧୂଆଁ ଉଠିଲା । ଧୂଆଁତକ ଉଭେଇଯିବା ପରେ ପରେ ଆଗପଟେ ଦେଖୁଥିବା ରାଜାକୃଷ୍ଣଦେବ ରାୟ ମଧ୍ୟ କେଉଁ ଆଡ଼େ

Digitized by srujanika@gmail.com

ଅଦୃଶ୍ୟ ହୋଇଯାଇଥିଲେ । ଏପରି ଯାଦୁଖେଳ ଦେଖି ରାଜା ମଧ୍ୟ ଆଶ୍ଚର୍ଯ୍ୟ ହୋଇଗଲେ । ତେଣୁ ପ୍ରଥମ ପୁରସ୍କାରଟି ରାଜା ସେଇ ବୁଢ଼ା ଯାଦୁକରକୁ ଦେଲେ ।

ପୁରସ୍କାରଟି ପାଇ ସାରିବା ପରେ ନିଜର ନକଲି ଲମ୍ବା ଦାଢ଼ିକୁ କାଢ଼ିନେଇ ସେ ରାଜାଙ୍କ ଆଗରେ ରଖିଦେଲେ । ବୁଢ଼ା ଯାଦୁକର ବଦଳରେ ତେନାଲିରାମଙ୍କୁ ଆଖି ଆଗରେ ଦେଖି ରାଜା ଆଶ୍ଚର୍ଯ୍ୟ ହୋଇଗଲେ ! ସେ ଟିକେ କୌତୂହଳ ସହକାରେ ପଚାରିଲେ- ଆଚ୍ଛା ତେନାଲି, ତୁମେ ଏ ଯାଦୁ କିପରି କରିପାରିଲ, ଆମକୁ ଟିକେ ତା'ର ରହସ୍ୟ କହିପାରିବ ?

''ହେଉ ତେବେ ଦେଖନ୍ତୁ'' ବୋଲି କହି ସେ ତାଙ୍କ ଆଗରେ ଥିବା ସେଇ କାନ୍ଥର ଗୋଟିଏ ସ୍ଥାନକୁ ଜୋର୍‌ରେ ମୁଥଟିଏ ମାରିଲେ । ଫଳରେ କାନ୍ଥଟିର ସେଇ ଅଂଶ ଅନ୍ୟଆଡ଼କୁ ଚାଲିଗଲା । ତା'ପରେ ପରେ ଗୋଟିଏ ସିଂହାସନ ବାହାରକୁ ବାହାରି ଆସିଲା । ସେଇ ସିଂହାସନ ଉପରେ ନିଜେ ରାଜା କୃଷ୍ଣଦେବ ରାୟ ବସିଥିଲେ । ରାଜା ସେଇଟିକୁ ହାତ ମାରି ଦେଖିଲେ ତାହା ମହମରେ ତିଆରି ମୂର୍ତ୍ତିଟିଏ ।

ଏଥର ରାଜାଙ୍କୁ ଯାଦୁଖେଳର ଅସଲ ରହସ୍ୟଟା ବୁଝିବାକୁ ଆଉ ବେଶୀ ସମୟ ଲାଗିଲା ନାହିଁ । ସେ ତେନାଲିରାମଙ୍କର ଏଇ ବୁଦ୍ଧି ପାଇଁ ବହୁତ ପ୍ରଶଂସା କଲେ ।

Digitized by srujanika@gmail.com

ମାଲିକ ଯେମିତି ଶିଖାଇଛି

ରାଜା କୃଷ୍ଣଦେବ ରାୟ ଯେପରି ନ୍ୟାୟପ୍ରିୟ ସେପରି ଦୟାଳୁ ମଧ୍ୟ ଥିଲେ । ତା ଛଡ଼ା ତାଙ୍କର ଆଉ ଗୋଟାଏ ଭଲଗୁଣ ହେଲା ଯେ ତାଙ୍କ ରାଜ୍ୟରେ ଥିବା କଳାକାରଙ୍କୁ ବିଭିନ୍ନ ସମୟରେ ପୁରସ୍କାର ଦେଉଥିଲେ । ତେଣୁ ବିଭିନ୍ନ ସମୟରେ ଦେଶର କଳାକାରମାନେ ନିଜର କଳା କୌଶଳ ଦେଖାଇବାକୁ ରାଜାଙ୍କୁ ଦରବାରକୁ ଆସୁଥିଲେ ।

ଥରେ ସେମିତି ଜଣେ ଢ଼ୋଲିଆ ତା'ର ଢ଼ୋଲ ବାଜା ବଜାଇବାକୁ ଆସି ଦରବାରରେ ପହଞ୍ଚିଲା । ରାଜାଙ୍କ ଆଗରେ ନିଜର ବଜାଇବା କୌଶଳ ମଧ୍ୟ ଦେଖାଇଲା । ରାଜା ତା' ବାଜା ବଜାଇବାରେ ଖୁସି ହୋଇ ତାକୁ ଗୋଟିଏ ହାତୀ ପୁରସ୍କାର ଦେଲେ ।

ହାତୀଟିକୁ ପୁରସ୍କାର ଭାବରେ ପାଇ ଢ଼ୋଲିଆର ମନଟା ମରିଗଲା । ସେ ମନେ ମନେ ଭାବିଲା- ମୋର ତ ଘରେ ଖାଇବାକୁ ମୁଠାଏ ଦାନା ନାହିଁ । ଆଉ ହାତୀଟାକୁ ନେଇ ପୁଣି କଣ କରିବି ?

ବିଚରା ଆଉ କରେ ବା କ'ଣ ? ବାଧ୍ୟ ହୋଇ ସେ ତେନାଲିରାମଙ୍କ ପାଖକୁ ଯାଇ ନିଜର ଦୁଃଖ ଜଣାଇଲା । ତେନାଲିରାମ ତା'ଠାରୁ ସବୁକଥା ଶୁଣି ମନେ ମନେ ଗୁଡ଼ାଏ ହସିଲେ । ତା ପରେ ତାକୁ ବୁଝାଇବାକୁ ଯାଇ କହିଲେ- ଆଚ୍ଛା ହେଉ, ତୁମେ ଗୋଟାଏ କାମ କର । ତୁମର ସେଇ ହାତୀ ବେକରେ ଗୋଟାଏ ବଡ଼ ଢ଼ୋଲ ବାନ୍ଧି ଦେଇ ଆସନ୍ତା କାଲି ପୁଣି ଦରବାରକୁ ଆସ । ତାପରେ ଯାହାହେବ ମୁଁ ବୁଝିବି ।

ଢ଼ୋଲିଆଟି ମଧ୍ୟ ତାଙ୍କ କହିବା ଅନୁସାରେ ତାପର ଦିନ ହାତୀଟିକୁ ଧରି ଦରବାରରେ ପହଞ୍ଚିଲା । ରାଜା ହାତୀ ବେକରେ ଢ଼ୋଲଟା ପଡ଼ିଥିବାର ଦେଖି ରାଗିଯାଇ କହିଲେ- ଏଇଟା ପୁଣି କଣ ? ମୋ ସାଙ୍ଗରେ ମଜା କରୁଛ ? ତା'ଛଡ଼ା ମୋ ଉପହାର ହାତୀକୁ ଅପମାନ କରୁଛ ?

Digitized by srujanika@gmail.com

ସେତେବେଳକୁ ବିଚରା ଢୋଲିଆଟି ଭୟରେ ଥରିବାକୁ ଲାଗିଲାଣି । କାରଣ ରାଜା ଗୋଜା । କେତେବେଳେ ପୁଣି କେଉଁ ବୁଦ୍ଧି ମୁଣ୍ଡକୁ ଜୁଟିଯିବ । ସର୍ବନାଶ ହୋଇ ଯିବ ଯେ ! ସେ ବିକଳରେ ତେନାଲିରାମଙ୍କ ଆଡ଼କୁ ଚାହିଁଲା ।

ତେନାଲିରାମ ସଙ୍ଗେ ସଙ୍ଗେ ଉଠିପଡ଼ି ହାତ ଯୋଡ଼ି କହିବାକୁ ଆରମ୍ଭକଲେ- ହଜୁର, ଆପଣ ତ ଜାଣନ୍ତି, ବିଚରା ଢୋଲିଆଟି କିପରି ଢୋଲ ପିଟି ନିଜର ପେଟ ପୋଷୁଛି । ତେଣୁ ସେ ଯେମିତି ତା ପେଟ ପୋଷୁଛି, ତା' ହାତୀକୁ ସେମିତି କରିବା ପାଇଁ ତାଲିମ ଦେଇଛି । ତେଣୁ ଏଥିରେ ଭୁଲ୍ ଆଉ ରହିଲା କେଉଁଠି ?

ଏଥର ରାଜା କୃଷ୍ଣଦେବ ରାୟ ତେନାଲିରାମଙ୍କର ଚତୁର ପଣିଆଁ ବୁଝିପାରି କହିଲେ- ସତରେ ତେନାଲି, ତୁମର ଏଇ କଥା କେଇପଦ ମୋ ଆଖି ଖୋଲି ଦେଇଛି । ତା ପରେ ସେ ଢୋଲିଆଠାରୁ ତା'ର ହାତୀଟିକୁ ଫେରାଇ ନେଇ ତା'କୁ ବହୁତ ଧନରତ୍ନ ଦେଇ ବିଦାୟ କଲେ । ବିଚରା ଢୋଲିଆଟି ମନେ ମନେ ତେନାଲିରାମଙ୍କୁ ଧନ୍ୟବାଦ ଦେଇ ଦରବାରରୁ ଚାଲିଗଲା ।

Digitized by srujanika@gmail.com

ଖର୍ଚ୍ଚ କମ୍ ଲାଭ ଅଧିକ

ଥରେ ରାଜା କୃଷ୍ଣଦେବ ରାୟ ପୁରୁଣା କାହାଣୀଗୁଡ଼ିକୁ ସଂଗ୍ରହ କରିବା ପାଇଁ ମନେ ମନେ ଠିକ୍ କଲେ । ତେଣୁ ଏ ବିଷୟରେ ତାଙ୍କର ମନ୍ତ୍ରୀମାନଙ୍କୁ ଜଣାଇଲେ । ତା ସହିତ ଏଥିପାଇଁ କେତେଟଙ୍କା ଖର୍ଚ୍ଚହେବ, ତାହା ମଧ୍ୟ ଅଟକଳ କରିବାକୁ କହିଲେ ।

ମନ୍ତ୍ରୀମାନେ ଗୋଟାଏ ଆନୁମାନିକ ହିସାବ କରି କହିଲେ ଏଥିପାଇଁ ଲକ୍ଷେ ଟଙ୍କା ଲାଗିବ ।

ଖର୍ଚ୍ଚ ହିସାବଟା ଟିକେ ଅଧିକ ହେଲା ପରି ଲାଗୁଛି ବୋଲି ରାଜା କହିଲେ ।

ମନ୍ତ୍ରୀମାନେ ଏକାବେଳେ କହି ଉଠିଲେ - ନା ହଜୁର, ଏକାମ ତୁଳନାରେ ଖର୍ଚ୍ଚ ହିସାବଟା ସେତେ କିଛି ଅଧିକ ହୋଇ ଯାଇ ନାହିଁ ।

ରାଜା ଟିକେ ଚିନ୍ତିତ ହୋଇ ଭାବିଲେ- ତେବେ କ'ଣ ଏ କାମଟା ହୋଇପାରିବ ନାହିଁ !

ରାଜାଙ୍କୁ ଏମିତି ଚିନ୍ତାରେ ପଡ଼ିଥିବାର ଦେଖି ତେନାଲିରାମ କହିଲେ- ''ହଜୁର, ଆପଣ ଯଦି ମତେ ଆଦେଶ ଦିଅନ୍ତେ, ତେବେ ମୁଁ ଗୋଟାଏ ଖର୍ଚ୍ଚ ହିସାବ ତିଆରି କରି ଦେଖାଇ ଦିଅନ୍ତି । ରାଜା କହିଲେ ଏଥିରେ ଭାବିବାର କ'ଣ ଅଛି ? ଯେତେଶିଘ୍ର ପାରୁଛ ହିସାବଟା କରି ପାରିଲେ ଭଲ ହୁଅନ୍ତା । ତେନାଲି ସଙ୍ଗେ ସଙ୍ଗେ କାଗଜ କଲମ ଧରି ଖର୍ଚ୍ଚ ହିସାବ ରାଜାଙ୍କୁ କହିଲେ - ହଜୁର, ମାତ୍ର କୋଡ଼ିଏ ହଜାର ହେବ, ଆଉ ଆୟ ହେବ ଲକ୍ଷେ ଟଙ୍କା ।

ରାଜା ସେ ହିସାବ ଦେଖି ମନେ ମନେ ଆଶ୍ଚର୍ଯ୍ୟ ହେଲେ । ତା'ଠାରୁ ତାଙ୍କର ମନ୍ତ୍ରୀମାନେ ମଧ୍ୟ ଅଧିକ ଆଶ୍ଚର୍ଯ୍ୟ ହେଲେ । ସେମାନେ ଏକାବେଳେ କହିଉଠିଲେ- ମହାରାଜ ! ତେନାଲିରାମଙ୍କର ଏଇ କାଗଜକଲମ ହିସାବରୁ ଆମକୁ ବା କଅଣ ମିଳିବ ? କାମଟା ସଂପୂର୍ଣ୍ଣ ହେବା ଉଚିତ୍ ! ରାଜା ମଧ୍ୟ ମନ୍ତ୍ରୀମାନଙ୍କର କଥାକୁ ସମର୍ଥନ ଜଣାଇ କହିଲେ- ହଁ, ଦେଖ ତେନାଲି ! ଯଦି ଏ କାମଟା ଠିକ୍ ଭାବରେ ନ ହୁଏ, ତେବେ ତୁମକୁ କଠିନ ଦଣ୍ଡ ମିଳିବ !

Digitized by srujanika@gmail.com

ତେନାଲିରାମ ମଧ୍ୟ ରାଜାଙ୍କ ଆଦେଶକୁ ମାନି ନେଇ ନିଜ କାମରେ ଲାଗି ପଡ଼ିଲେ ।

ସେଇ ମାସର ପୂର୍ଣ୍ଣିମା ତିଥିରେ ରାଜାଙ୍କର ଜନ୍ମଦିନ ପଡୁଥିଲା । ଏଥିପାଇଁ ଏକ ଉତ୍ସବ ଆୟୋଜନ ହେଉଥାଏ । ତେଣୁ ତେନାଲିରାମ ଏହି ଉତ୍ସବରେ ଭାଗନେବା ପାଇଁ ପ୍ରତିଗାଁରୁ ମୁଖିଆମାନଙ୍କୁ ଡ଼କାଇବା ପାଇଁ ଆଦେଶ ପଠାଇଲେ । ତା'ସହିତ ସେହି ଅବସରରେ ଗୋଟିଏ ''କାହାଣୀ'' ପ୍ରତିଯୋଗିତା''ର ଆୟୋଜନ ମଧ କରିଦେଲେ । ଭଲକଥା କହୁଥିବା ଲୋକକୁ ଉପଯୁକ୍ତ ପୁରସ୍କାର ଦିଆଯିବାର ଘୋଷଣା ମଧ୍ୟ କଲେ ।

ଠିକ୍ ସମୟରେ ରାଜାଙ୍କର ଜନ୍ମଦିନ ଉତ୍ସବ ପାଳନ କରାଗଲା । ଦୂରଦୂରାନ୍ତର ଗାଁରୁ ମୁଖିଆମାନେ ମଧ୍ୟ ଏଥିରେ ଭାଗନେବାପାଇଁ ଆସି ପହଞ୍ଚିଲେ । ରାଜାଙ୍କ ଜନ୍ମଦିନକୁ ଆସୁଥିବାରୁ ବହୁ ମୂଲ୍ୟବାନ ଉପହାରମାନ ହାତରେ ଧରି ଆସିଲେ । ତା ସହିତ କଥା ପ୍ରତିଯୋଗିତା ମାଧ୍ୟମରେ ମଧ୍ୟ ଅତି ସହଜରେ ଅନେକ ଭଲ ଭଲ କାହାଣୀ- ସଂଗ୍ରହ କରିହେଲା ।

ଉତ୍ସବ ଶେଷ ହେବାପରେ ତେନାଲିରାମ ରାଜାଙ୍କୁ କହିଲେ- ହଜୁର, ଏବେ ଦେଖନ୍ତୁ ଆପଣଙ୍କୁ ଯେଉଁ ଉପହାରମାନ ମିଳିଛି, ତା'ର ମୂଲ୍ୟ ଲକ୍ଷେ ଟଙ୍କାରୁ ଅଧିକ ହେବ । ତା' ସହିତ ଏଇ କାହାଣୀଗୁଡ଼ିକୁ ମଧ୍ୟ ସଂପାଦନା କରି ଛପା ଯାଇପାରିବ । ଏବେ ମୋ ହିସାବ ଅନୁସାରେ କାମ ଠିକ୍ ହେଲା ବୋଲି ଭାବୁଛନ୍ତି ତ ?

ରାଜା ବା କଣ କହିବେ ? ଏତେ ସହଜରେ ଏମିତି ସୁନ୍ଦର କାମଟା ହୋଇଯିବ, ପୁଣି ଲାଭ ହେବ ବୋଲି ସେ ଜମା ଜାଣି ନ ଥିଲେ । ତେଣୁ ଏଥିପାଇଁ ସେ ତେନାଲିରାମଙ୍କ ବୁଦ୍ଧିକୁ ପ୍ରଶଂସା କରିବା ସହିତ ତାଙ୍କୁ ପୁରସ୍କାର ମଧ୍ୟ ଦେଲେ ।

Digitized by srujanika@gmail.com

ମୂର୍ତ୍ତି ହିଁ ସବୁ ସମାଧାନ କରିବ

ଥରେ ରାଜା କୃଷ୍ଣଦେବ ରାୟ ନିଜର ମନ୍ତ୍ରୀମାନଙ୍କ ସହିତ ଦରବାରରେ ବସି କୌଣସି ବିଷୟରେ ଆଲୋଚନା କରୁଥିଲେ । ଏତିକିବେଳେ ଦୁଇଭାଇ ନିଜ ଭିତରେ କଳି କରି ଆସି ରାଜାଙ୍କ ପାଖରେ ପହଞ୍ଚିଲେ । କଳି କରିବାର ମୂଳ କାରଣ ଥିଲା ଗୋଟାଏ ମୂର୍ତ୍ତି । ନିଜ ବାପାଙ୍କ ମୃତ୍ୟୁପରେ ଦୁଇଭାଇ ସବୁ ସଂପତ୍ତିକୁ ନିଜ ନିଜ ଭିତରେ ସମାନ ଭାବରେ ବାଣ୍ଟି ନେଇଗଲେ । କିନ୍ତୁ ବାକି ରହିଗଲା ଏଇ ମୂର୍ତ୍ତିଟି । ସେଇଟାକୁ ବା ଅଧାଅଧା କରି ବାଣ୍ଟିବେ କେମିତି ? ବଡ଼ଭାଇ କହିଲା- ସେ ବଡ଼, ତେଣୁ ମୂର୍ତ୍ତିରେ ଅଧିକାର ତା'ର ଅଛି । ହେଲେ ସାନଭାଇ କେଉଁଠି, ଛାଡ଼ି ଦେଉଛି ! ସେ ମଧ୍ୟ କହିଲା ମୂର୍ତ୍ତିଟା ତା'ର ।

ରାଜା ଭାଇ ଦୁହିଁଙ୍କର କଥା ଶୁଣି ବଡ଼ ଅଡୁଆରେ ପଡ଼ିଲେ । ମୂର୍ତ୍ତିଟାକୁ ବା ସମାନ କରି ବାଣ୍ଟିବେ କେମିତି ? ଦରବାରରେ ଥିବା ମନ୍ତ୍ରୀମାନଙ୍କ ମୁଣ୍ଡକୁ ମଧ୍ୟ ବୁଦ୍ଧି ଜୁଟିଲା ନାହିଁ । ଶେଷରେ ରାଜା ଏଇ ସମସ୍ୟାର ସମାଧାନ ପାଇଁ ତେନାଲିରାମଙ୍କୁ କହିଲେ ।

ସେ କଥା ଶୁଣି ତେନାଲିରାମ କହିଲେ- ହଜୁର, ମୂର୍ତ୍ତି ହିଁ ନିଜେ କହିବ, ସେ କାହା ପାଖରେ ରହିବାକୁ ଚାହୁଁଛି ।

ରାଜା କହିଲେ- ଏଇଟା ତ ଅସମ୍ଭବ କଥା ! ମୂର୍ତ୍ତିଟା ପୁଣି ପାଟି ଖୋଲିବ କିପରି ?

ତେନାଲିରାମ କହିଲେ- ମୂର୍ତ୍ତି ମନ୍ଦିରରେ ରହିଲେ ହିଁ ସୁନ୍ଦର ଦିଶିବ । ସେଠାରେ ତାକୁ ପ୍ରତିଷ୍ଠା କରିଦିଆଯିବା ଉଚିତ୍ । ତାପରେ ଏହା ଆପେ ଆପେ କହିବ । ତେନାଲିରାମଙ୍କର ଏଇ ନିଷ୍ପତ୍ତିରେ ଭାଇ ଦୁହେଁ ରାଜି ହୋଇଗଲେ । ତାପରେ ସେଇ ନଗରରେ ଥିବା ଗୋଟିଏ ମନ୍ଦିରରେ ମୂର୍ତ୍ତିଟିକୁ ବଡ଼ ଧୂମ୍‌ଧାମ୍‌ରେ ପ୍ରତିଷ୍ଠା କରାଗଲା । ମୂର୍ତ୍ତିଟି ପ୍ରତିଷ୍ଠା ହେବାପରେ ସେଠାରେ ଭକ୍ତମାନଙ୍କର ମଧ୍ୟ ଭିଡ଼ ଲାଗିଲା । ଲୋକମାନେ ସେଇ ସୁନ୍ଦର ମୂର୍ତ୍ତିଟିକୁ ଦର୍ଶନ କରିବା ସଙ୍ଗେ ସଙ୍ଗେ ଭାଇ ଦୁହିଁଙ୍କର ପ୍ରଶଂସା କରିବାରେ ଲାଗିଲେ ।

Digitized by srujanika@gmail.com



ମାସେ ସମୟ ବିତିଗଲା । କିନ୍ତୁ ମୂର୍ତ୍ତିଟି ପଦେ ହେଲେ କଥା କହିଲା ନାହିଁ । ଭାଇ ଦୁହେଁ ପୁଣି ରାଜାଙ୍କ ପାଖକୁ ଆସି ସେଇ କଥା ଜଣାଇଲେ ।

ରାଜା ତେନାଲିରାମଙ୍କୁ ପଚାରିଲେ- କ'ଣ ତେନାଲି ! ମୂର୍ତ୍ତି ତ ଏଯାଏଁ କିଛି କହିଲା ନାହିଁ । ଆଉ କଳିର ସମାଧାନ ହେବ କିପରି ?

ତେନାଲିରାମ ହାତଯୋଡ଼ି କହିଲେ- ହଜୁର, ମୂର୍ତ୍ତି ତ ତା'ର ମନକଥା କେତେବେଳୁ କହିସାରିଲାଣି । ଦେବତା ମୂର୍ତ୍ତିଟି ଏବେ ଆଉ କାହାର ହେଲେ ଜଣକର ହୋଇ ରହି ନ ପାରେ । ଏହା ସମସ୍ତଙ୍କର । ମୂର୍ତ୍ତିଟି ମନ୍ଦିରରେ ସ୍ଥାପିତ ହେବାପରଠାରୁ ଲୋକମାନେ ଯେଉଁ ପ୍ରଶଂସା କରି ଚାଲିଛନ୍ତି, ତାହା ସେମାନଙ୍କର ଧନ ତୁଳନାରେ ବହୁତ ଅଧିକ ।

ତେନାଲିରାମ୍‌ଙ୍କର ଏଇ ସମାଧାନ ଶୁଣି ଭାଇ ଦୁହେଁ ସନ୍ତୁଷ୍ଟ ହୋଇ ନିଜ ଘରକୁ ଫେରିଗଲେ । ରାଜା ମଧ୍ୟ ତେନାଲିରାମଙ୍କର ବୁଦ୍ଧିକୁ ମନେ ମନେ ପ୍ରଶଂସା କଲେ ।

Digitized by srujanika@gmail.com

ଖାଲିପାତ୍ର ପୂରିଗଲା

ରାଜା କୃଷ୍ଣଦେବ ରାୟ ଶତ୍ରୁପକ୍ଷ ସହିତ ହୋଇଥିବା ଯୁଦ୍ଧରେ ଜୟଲାଭ କରି ନିଜ ରାଜ୍ୟକୁ ଫେରିଲେ । ରାଜ୍ୟରେ ବିଜୟ ଉତ୍ସବ ପାଳନ କରି କହିଲେ ଏ ବିଜୟ କେବଳ ମୋ ପାଇଁ ହୋଇନାହିଁ, ସୈନ୍ୟ ବାହିନୀ ଏବଂ ପ୍ରତ୍ୟେକ କର୍ମଚାରୀଙ୍କ ଯୋଗୁଁ ସମ୍ଭବ ହୋଇପାରିଛି । ତେଣୁ ଏଥିପାଇଁ କିଛି ପୁରସ୍କାର ଦେବାକୁ ମୁଁ ମନେ ମନେ ଠିକ୍ କରିଛି । ହେଲେ ପ୍ରତିଟି ପୁରସ୍କାର ମଖମଲ କନାରେ ଗୁଡ଼ାଯାଇ ରଖାହେବ । ତା'ଭିତରୁ ପ୍ରତ୍ୟେକ ଗୋଟିଏ ଗୋଟିଏ ବାଛି ନେବେ । ତେବେ ଏହି ପୁରସ୍କାର ବିତରଣ ଉତ୍ସବ ଆସନ୍ତା କାଲି ହେବ ।

ରାଜାଙ୍କର ଏଇ ଘୋଷଣା ଶୁଣି ରାଜକର୍ମଚାରୀମାନେ ଭାରି ଖୁସି ହୋଇଗଲେ । ତା'ସହିତ ଯେଉଁମାନେ ତେନାଲିରାମଙ୍କୁ ଭଲ ପାଉ ନ ଥିଲେ, ସେମାନେ ବେଶୀ ଖୁସି ହେଲେ । ସେମାନଙ୍କ ଭିତରୁ ଅନେକ ଭାବିଲେ ତେନାଲି ଆସିବା ପୂର୍ବରୁ ଦରବାରକୁ ଆସି ଭଲ ଉପହାରତକ ବାଛି ନେଇଯିବେ । ଆଉ ତେନାଲିରାମଙ୍କ ପାଇଁ ଶସ୍ତା ଉପହାରଟିକୁ ଛାଡ଼ିଦେଇ ଯିବେ ।

ପରଦିନ ତେନାଲିରାମ ଆସିବା ପୂର୍ବରୁ ରାଜ କର୍ମଚାରୀମାନେ ନିଜ ନିଜର ମନ ପସନ୍ଦର ଉପହାରଗୁଡ଼ିକ ବାଛି ନେଇଗଲେ । ତେନାଲିରାମ ସେଠାରେ ପହଞ୍ଚିଲାବେଳକୁ ଖାଲି ରୂପାର ପାତ୍ରଟିଏ ରହିଥିଲା । ତେନାଲିରାମ ସେଇଟିକୁ ମନ ଆନନ୍ଦରେ ନେଇ ଯାଉଥିବାର ଦେଖି ଅନ୍ୟମାନେ ଭାରି ଖୁସି ହେଉଥିଲେ । କାରଣ ଏତେଦିନ ପରେ ସେମାନେ ତେନାଲିରାମଙ୍କୁ ଜିତିପାରିଛନ୍ତି !

ତେନାଲିରାମ ସେଇ ଖାଲିପାତ୍ରଟିକୁ ଧରି ଗଲାବେଳେ ନିଜର ପୋଷାକ ଭିତରେ ଲୁଚାଇ ଦେବାକୁ ଚେଷ୍ଟା କରୁଥିଲେ ।

Digitized by srujanika@gmail.com

ରାଜା ତାଙ୍କୁ ଏପରି ଦେଖି ବହୁତ ଆଶ୍ଚର୍ଯ୍ୟ ହୋଇ କହିଲେ- ତେନାଲି ! ଏ କ'ଣ ହେଉଛି ? ସେଇଟିକୁ ତୁମ ପୋଷାକରେ ଲୁଚାଇବାକୁ ଚେଷ୍ଟା କରୁଛ କାହିଁକି ?

ରାଜାଙ୍କଠାରୁ ସେକଥା ଶୁଣି ତେନାଲିରାମ ଟିକେ ଗମ୍ଭୀର ହୋଇ ଯାଇ କହିଲେ- ହଜୁର, ଆପଣଙ୍କର ଏ ପୁରସ୍କାର ଦେବାକଥା ମୁଁ ଆଉ କାହାକୁ ଜାଣିବା ପାଇଁ ଦେଉନାହିଁ । ତେଣୁ ଏଇଟିକୁ ମୋ ପୋଷାକ ତଳେ ଲୁଚାଇ ରଖିବାକୁ ଚାହୁଁଛି ।

ରାଜା ତାଙ୍କ କଥାରୁ କିଛି ବୁଝି ନପାରି ରାଗିଗଲେ । ଏତିକିବେଳେ ତେନାଲିରାମ ହାତଯୋଡି କହିଲେ- ହଜୁର ! ମୁଁ କଣ କହୁଥିଲି କି ଆପଣ ତ ମତେ ସବୁବେଳେ ପାତ୍ରପୂର୍ଣ୍ଣ ସୁନା ମୋହର ଉପହାର ଦିଅନ୍ତି । ତେଣୁ ଆପଣ ଏପରି ଖାଲି ପାତ୍ରଟିଏ ଉପହାର ଦେଇଥିବେ ବୋଲି, ଅନ୍ୟ କାହାକୁ ଜାଣିବାକୁ ଦେଉନାହିଁ ।

ତେନାଲିରାମଙ୍କର ଏ ଉତ୍ତର ଶୁଣି ରାଜା ସଙ୍ଗେ ସଙ୍ଗେ କୋଷାଧ୍ୟକ୍ଷଙ୍କୁ ଡକାଇ ସେଇ ଖାଲି ପାତ୍ରଟାକୁ ସୁନା ମୋହରରେ ପୂର୍ଣ୍ଣକରିଦେବାକୁ ଆଦେଶ ଦେଲେ । ତେନାଲିରାମ ସୁନା ମୋହରରେ ପୂର୍ଣ୍ଣ ପାତ୍ରଟି ଧରି ଖୁସି ମନରେ ବିଦାୟ ନେଇଯାଉଥିଲାବେଳେ ଅନ୍ୟକର୍ମଚାରୀ ମାନଙ୍କ ମୁହଁ ଲାଜରେ କଳା ପଡ଼ିଗଲା । ସେମାନେ ଯାହା ଭାବିଥିଲେ, ତା'ର ଫଳ ଓଲଟା ହୋଇଗଲା ! ଆଉ ବା କାହାକୁ କହିବେ ? ମନକଥା ମନରେ ମାରି ଚୁପ୍‌ଚାପ ରହିଲେ ।

Digitized by srujanika@gmail.com

ରାଜା ଆମର ନିମ୍ବଗଛ

ଆଉ ଥରକର କଥା । ରାଜା କୃଷ୍ଣଦେବ ରାୟ ଗୋଟିଏ ଯୁଦ୍ଧରେ ଜୟ ଲାଭ କରି ନିଜ ରାଜଧାନୀକୁ ଫେରିଲେ । ହେଲେ ତେନାଲିରାମ ଟିକେ ପଛରେ ରହିଗଲେ । ପରଦିନ ଦରବାରରେ ରାଜାଙ୍କର ଜୟଧ୍ୱନିରେ ଚାରିଆଡ଼ କମ୍ପି ଉଠିଲା । ବିଭିନ୍ନଆଡୁ ଲୋକମାନେ ଆସି ରାଜାଙ୍କୁ ନାନା ପ୍ରକାରର ଉପହାର ଦେଉଥିଲେ । ଏତିକିବେଳେ ଜଣେ ଲୋକ ଆସି ରାଜାଙ୍କୁ ଗୋଟାଏ ନିମ୍ବଗଛ ଲାଗିଥିବା କୁଣ୍ଡଟିଏ ଦେଇ କହିଲା- "ହଜୁର, ତେନାଲିରାମ ଏଇଟିକୁ ଆପଣଙ୍କପାଇଁ ପଠାଇଛନ୍ତି ।"

ସେକଥା ଶୁଣି ରାଜା ଜୋର୍‌ରେ ରାଗିଯାଇ କହିଲେ- କିଏ ଅଛିରେ, ସେ ବଦ୍‌ମାସ୍ ତେନାଲିରାମଟାକୁ ବାନ୍ଧିଆଣ ।

ମହାରାଜାଙ୍କର ଏପରି କଠୋର ଆଦେଶ ଶୁଣି ଦରବାରରେ ଥିବା ଅନ୍ୟ ଲୋକମାନେ ନିଜ ଭିତରେ ଫୁସ୍‌ଫାସ୍ ହେବାରେ ଲାଗିଲେ ।

ତାପର ଦିନ କଟୁଆଳ ତେନାଲିରାମଙ୍କୁ ବାନ୍ଧିଆଣି ରାଜ ଦରବାରରେ ପହଞ୍ଚାଇ ଦେଲା । ଏହାଦେଖି ସାରା ଦରବାରରେ କ୍ଷଣକ ପାଇଁ ନିରବତା ଖେଳିଗଲା । ମହାରାଜା ତାଙ୍କୁ ପାଖରେ ଦେଖି ଆହୁରି ଜୋର୍‌ରେ ରାଗିଯାଇ କହିଲେ- ହଇରେ ବଦମାସ୍ ! ମୁଁ ତତେ ଏଇ କୁଣ୍ଡର ନିମ୍ବଗଛ ପରି ଜଣାପଡ଼ିଲି ?

ମହାରାଜାଙ୍କର ଏପରି ରାଗଦେଖି ତେନାଲିରାମ ମନେ ମନେ ଟିକେ ଡ଼ରିଗଲେ । ଏଇଟା ତାଙ୍କ ବିରୋଧୀ ଲୋକଙ୍କର ଷଡ଼ଯନ୍ତ୍ର ! ତାହା ବୁଝିବାକୁ ଆଉ ବେଶୀ ସମୟ ଲାଗିଲା ନାହିଁ । କିଛି ସମୟ କଣ ଟିକେ ଭାବିଲା ପରେ ସେ କହିଲେ- ହଁ ହଜୁର ! ନିମ୍ବଗଛର ବୟସ ଅନ୍ୟ ଗଛ ତୁଳନାରେ ବହୁତ ଅଧିକ । ଆପଣ ମଧ୍ୟ ସେହିପରି ଶହେ ବର୍ଷ ପର୍ଯ୍ୟନ୍ତ ବଞ୍ଚିରହିଥାନ୍ତୁ । ନିମ୍ବଗଛ

Digitized by srujanika@gmail.com

ପାଖରୁ ଯେପରି ମାଛି ମଶା ଦୂରେଇ ରହିଥାନ୍ତି । ସେହିପରି ଆପଣଙ୍କ ରାଜ୍ୟରୁ ମଧ୍ୟ ଶତ୍ରୁମାନେ ସବୁବେଳେ ଦୂରେଇ ରହିଥାନ୍ତୁ । ନିମ୍ବର ଥଣ୍ଡାଛାଇ ସମସ୍ତଙ୍କୁ ବହୁତ ଆରାମ ଦେଇଥାଏ । ସେହିପରି ଆପଣଙ୍କ ଛତ୍ରଛାଇରେ ପ୍ରଜାମାନେ ସବୁବେଳେ ଶାନ୍ତିରେ ରହିଥାନ୍ତୁ ।

ତେନାଲିରାମଙ୍କଠାରୁ ଏସବୁ ପ୍ରଶଂସାପୂର୍ଣ୍ଣ କଥା ଶୁଣି ରାଜା ଭାରି ଖୁସୀ ହୋଇଗଲେ । ତା'ସହିତ ତାକୁ ଅନେକ ପୁରସ୍କାର ଦେଲେ । ହେଲେ ବିରୋଧିମାନଙ୍କର ମୁହଁ କଳା ପଡ଼ିଗଲା ।

Digitized by srujanika@gmail.com

ବ୍ରାହ୍ମଣ ବିଚରା ହଟହଟା

ବିଜୟ ନଗରର ବ୍ରାହ୍ମଣମାନେ ବେଳକୁବେଳ ଭାରି ଗର୍ବୀ ହୋଇଯାଇଥିଲେ । ତା ଛଡ଼ା ସେମାନେ ଧର୍ମ ନାଁରେ ଏଣୁତେଣୁ ଗୁଡ଼ାଏ ମିଛକଥା କହି ଲୋକମାନଙ୍କୁ ଠକୁଥିଲେ । ତା'ବଦଳରେ ପ୍ରଚୁର ଧନ ରୋଜଗାର କରୁଥିଲେ ।

ଥରେ ରାଜା କୃଷ୍ଣଦେବରାୟ କେତେଜଣ ବ୍ରାହ୍ମଣଙ୍କୁ ଡ଼ାକି ସେମାନଙ୍କ ସହିତ ପରାମର୍ଶ କରି କହିଲେ- "ମୋ ମାଆ ମରିବା ଆଗରୁ ଆମ୍ବ ଖାଇବାକୁ ଶେଷ ଇଚ୍ଛା କରିଥିଲା । ମାତ୍ର ତାହା ପୂରଣ ହେବା ଆଗରୁ ସେ ମରିଯାଇଥିଲା । ତେଣୁ ତା'ର ଆତ୍ମା ତ ଶାନ୍ତି ପାଇବ ନାହିଁ । କେଉଁ ଉପାୟ କଲେ ମୋ ମାଆର ଆତ୍ମା ଶାନ୍ତି ପାଇବ କହିପାରିବେ କି ?"

ବ୍ରାହ୍ମଣମାନେ ତ ସେଇ ସୁଯୋଗକୁ ଚାହିଁ ବସିଥିଲେ । ରାଜାଙ୍କ କଥା ଶୁଣି ସେମାନେ କହିଲେ- ହଜୁର, ଆମ ଧର୍ମଶାସ୍ତ୍ର କହୁଛି ଆପଣ ଯଦି ଖାଣ୍ଟି ସୁନାରେ ୧୦୮ଟି ଆମ୍ବ ତିଆରି କରି ବ୍ରାହ୍ମଣ ମାନଙ୍କୁ ଦାନ କରିବେ, ତେବେ ଆପଣଙ୍କର ମାଆଙ୍କର ଆତ୍ମା ଶାନ୍ତି ପାଇବ ।

ମାଆଙ୍କ ପାଇଁ ଯେତେବେଳେ କଥା ପଡ଼ିଛି, ରାଜା ଆଉ କି ଥୟଧରି ରହୁଛନ୍ତି ? ସେ ସଙ୍ଗେସଙ୍ଗେ ୧୦୮ଟି ଆମ୍ବ ସୁନାରେ ତିଆରି କରି ବ୍ରାହ୍ମଣମାନଙ୍କୁ ଦାନ କରି ଦେଲେ । ବ୍ରାହ୍ମଣମାନେ ସେତକ ପାଇ ଭାରି ଖୁସି ହେଲେ ।

ଏକଥା ତେନାଲିରାମ ଶୁଣି ପାରିଲେ । ସେ ସେହି ଠକ ବ୍ରାହ୍ମଣମାନଙ୍କୁ ଗୋଟାଏ ଉଚିତ ଶିକ୍ଷା ଦେବା ପାଇଁ ମନେ ମନେ ଚିନ୍ତା କରିଲେ । ସେହି ସମୟରେ ତାଙ୍କର ମାଆ ମରିଗଲେ । ତେଣୁ ମାଆଙ୍କର ଦଶାହରେ ଭୋଜନ ପାଇଁ ବ୍ରାହ୍ମଣମାନଙ୍କୁ ସେ ନିମନ୍ତ୍ରଣ କଲେ । ଭଲ ଖାଦ୍ୟ ମିଳିବା ଆଶାରେ ବ୍ରାହ୍ମଣମାନେ ଲୋଭରେ ଧାଇଁ ଆସିଲେ । ଖାଇବା ପଦାର୍ଥ ବଣ୍ଟାଯିବା ପୂର୍ବରୁ ତେନାଲି ତାଙ୍କ ଚାକରକୁ ଡ଼ାକି ଦୁଆରଟାକୁ କିଳି ଦେବାକୁ ଆଦେଶ ଦେଲେ ।

Digitized by srujanika@gmail.com

ତା'ସହିତ ତାତିଲା ଲୁହା ଆଣି ସେମାନଙ୍କ ଦେହରେ ଛୁଆଁଇବାକୁ ଆଦେଶ ଦେଲେ । ଖାଇବାକୁ ନ ଦେଇ ତାତିଲା ଲୁହାରେ ଚିଆଁ ଦେବାରୁ ବ୍ରାହ୍ମଣମାନେ ପ୍ରାଣ ବିକଳରେ ଏଣେତେଣେ ଧାଇଁବାକୁ ଲାଗିଲେ । ତାତିଲା ଲୁହା ଦେହରେ ବାଜିବାରୁ ସେମାନଙ୍କର ଫୋଟକା ମଧ ହୋଇଗଲା । ଏକଥା ରାଜାଙ୍କ କାନକୁ ଯିବାରୁ ରାଜା ଜୋର୍‌ରେ ରାଗି ଉଠିଲେ । ସେ ତେନାଲିରାମଙ୍କୁ ସାଙ୍ଗେ ସାଙ୍ଗେ ପାଖକୁ ଡ଼କାଇ ସେପରି କରିବାର କାରଣ ପଚାରିଲେ ।

ତେନାଲିରାମ ରାଜାଙ୍କ ପାଖରେ ପହଞ୍ଚି ହାତଯୋଡ଼ି କହିଲେ- ହଜୁର, ମୋ ମାଆ ଜଣେ ବାତରୋଗୀ ଥିଲେ । ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ଗଣ୍ଠିମାନଙ୍କରେ ଭାରି ବଥା ହେଉଥିଲା । ଏଇ କଷ୍ଟରୁ ରକ୍ଷା ପାଇବା ପାଇଁ ସେ ନିଜ ଗଣ୍ଠିରେ ତାତିଲା ଲୁହା ଚିଆଁ ଦେବାକୁ ଚାହୁଁଥିଲା । ହେଲେ ତାର ଅକାଳରେ ମୃତ୍ୟୁ ହୋଇଗଲା । ମୁଁ ଅଧମ ତ ତା'ର ଜୀବନ କାଳରେ କରିପାରିନଥିଲି । ତେଣୁ ଭାବିଲି ଆପଣଙ୍କ ମାଆ ମଲାପରେ ଯଦି ବ୍ରାହ୍ମଣମାନଙ୍କ ଦ୍ୱାରା ଆମ୍ବ ପାଇ ଶାନ୍ତି ଲାଭ କରିପାରିଲେ, ତେବେ ମୋ' ମାଆ କାହିଁ ପାଇପାରିବେ ନାହିଁ ! ସେଥିପାଇଁ ଆଜି ତା'ର ଦଶାହରେ ମୁଁ ଏଇ ବ୍ୟବସ୍ଥାର ଆୟୋଜନ କରାଇଥିଲି ।''

ରାଜା ତେନାଲିରାମଙ୍କର ଉତ୍ତର ଶୁଣି ନିଜର ଭୁଲ୍ ବୁଝିପାରିଲେ । ସେ ତାଙ୍କୁ କୁଣ୍ଢାଇ ପକାଇ କହିଲେ- ''ସତରେ ତେନାଲି, ତୁମେ ମୋ ଆଖି ଖୋଲି ଦେଇଛ ।'' ସେଇ ଦିନଠାରୁ ବିଜୟ ନଗରରେ ଆଉ କୌଣସି ବ୍ରାହ୍ମଣ ମିଛ କହି ଧନ କମାଇବାକୁ ସାହସ କରିଲେ ନାହିଁ ।

Digitized by srujanika@gmail.com

ଦେଖିବା ପାଇଁ ମିଠା ତରଭୁଜ

ଥରେ ରାଜା କୃଷ୍ଣଦେବ ରାୟଙ୍କର ପିଲା ଦିନର ବନ୍ଧୁ ତାଙ୍କ ଦରବାରରେ ଆସି ପହଞ୍ଚିଲେ । ବହୁ ଦିନ ପରେ ନିଜର ବନ୍ଧୁଙ୍କୁ ପାଇ ରାଜା ଭାରି ଖୁସି ହୋଇଗଲେ । ତାଙ୍କୁ ସାଥୀରେ ଧରି ନିଜର ଶୋଇବା ଘରକୁ ଚାଲିଗଲେ । କଥା ହେଲାବେଳେ ତାଙ୍କର ସେଇ ଘରର କାନ୍ଥ ଉପରେ ଦୃଷ୍ଟି ପଡ଼ିଲା । ଚିତ୍ରରେ ଥିବା ଦୁଇଟି ତରଭୁଜ ଉପରେ ତାଙ୍କର ଦୃଷ୍ଟି ପଡ଼ିଲା । ସେଇଟି ଚିତ୍ର କି ପ୍ରକୃତ ତରଭୁଜ ତରଭୁଜ ତାହା ସହଜରେ ଜାଣି ହେଉନଥିଲା । ସଙ୍ଗେ ସଙ୍ଗେ ତାଙ୍କ ପାଟିରୁ ବାହାରି ପଡ଼ିଲା- ଆଃ ! କେଡ଼େ ସୁନ୍ଦର ତରଭୁଜ ନ ହୋଇଛି ସତେ ! ହେଲେ ଏଇ ବର୍ଷା ଦିନରେ ଖାଇବା ତ ଦୂରର କଥା ତରଭୁଜ ଦେଖିବାକୁ ସାତ ସପନ !

ପରଦିନ ଦରବାରରେ ବନ୍ଧୁ ଜଣକ ସେଇ କଥା ଆଉ ଥରେ କହିଲେ । ରାଜା ଦରବାରରେ ଥିବା କର୍ମଚାରୀମାନଙ୍କ ଆଡ଼କୁ ଚାହିଁଲେ । ବଂଧୁର ଏଇ ସାଧାରଣ ଇଚ୍ଛାଟିକୁ ସେ କ'ଣ ପୂରଣ କରିପାରିବେ ନାହିଁ ?

ରାଜାଙ୍କର ସେକଥା ଶୁଣି ମନ୍ତ୍ରୀ, ପୁରୋହିତ ଓ ଅନ୍ୟ କର୍ମଚାରୀମାନେ ତରଭୁଜ ଖୋଜିବାରେ ଲାଗିଗଲେ । ବଜାରର ପ୍ରତିଟି ଦୋକାନ ବୁଲିଲେ । ଏପରିକି ଗାଁ ରେ ଯାଇ ପହଞ୍ଚିଲେ । ଗାଁ ଲୋକେ ସେମାନଙ୍କର କଥାଶୁଣି ହସି ହସି କହିଲେ- କି ଆଶ୍ଚର୍ଯ୍ୟ କଥା ! ଏ ବର୍ଷା ଦିନରେ ତରଭୁଜ ବା ଆସିବ କେଉଁଠୁ ?

ଏତିକିବେଳେ ଜଣେ କର୍ମଚାରୀ ବ୍ୟଙ୍ଗସ୍ୱରରେ କହି ପକାଇଲା- ମନ୍ତ୍ରୀ ମହାଶୟ ! ଆମର ଏକାମ କେବଳ ତେନାଲିରାମ କରିପାରିବେ । ତାଙ୍କ ଜମିରେ ପ୍ରଚୁର ତରଭୁଜ ଫଳିଥିବାର ମୁଁ ଶୁଣିଛି । ସେ କଥାଶୁଣି ସମସ୍ତେ ଜୋରରେ ହସି ଉଠିଲେ ।

ଏକଥା ରାଜାଙ୍କ କାନକୁ ଗଲା । ରାଜା ସଙ୍ଗେ ସଙ୍ଗେ ତେନାଲିରାମଙ୍କୁ କିଛି ତରଭୁଜ ଆଣିବାକୁ ଆଦେଶ ଦେଲେ । ତେନାଲିରାମ ରାଜାଙ୍କୁ କହିଲେ- ''ହଜୁର ! ମତେ ଏଥିପାଇଁ କିଛି ଦିନ ସମୟ ଦିଅନ୍ତୁ । ମୁଁ ନିଶ୍ଚୟ ତରଭୁଜ ଆଣିଦେବି ।''

Digitized by srujanika@gmail.com

ତାପରେ କିଛି ଦିନ ବିତିଗଲା । ହେଲେ ତେନାଲିରାମଙ୍କର ଦେଖା ଦର୍ଶନ ନାହିଁ । ତାଙ୍କର ବିରୋଧୀ ଲୋକମାନେ ଆପଣା ଭିତରେ କୁହାକୁହି ହେଲେ ତେନାଲିରାମ ତ ତରଭୁଜ ଆଣି ପାରିବେ ନାହିଁ । ତେଣୁ ରାଜାଙ୍କ ଡ଼ରରେ ରାଜ୍ୟଛାଡ଼ି କେଉଁଆଡ଼େ ଚାଲି ଯାଇଛନ୍ତି !

ଦିନେ ସକାଳୁ ରାଜା ତାଙ୍କ ବଂଧୁଙ୍କ ସହିତ ବଗିଚାରେ ବୁଲୁଥାନ୍ତି । ଏତିକିବେଳେ ତେନାଲିରାମ କେତେଜଣ ଲୋକଙ୍କୁ ସାଙ୍ଗରେ ଧରି ସେଠାରେ ଆସି ପହଞ୍ଚିଲେ । ସେମାନେ ସାଙ୍ଗରେ ଆଣିଥିବା ଟୋକେଇଗୁଡ଼ିକୁ ତଳେ ରଖିଦେଲେ । ଟୋକେଇ ଭିତରେ ଗୁଡ଼ାଏ ତରଭୁଜ ଥିବାର ଦେଖି ରାଜା ଆଉ ତାଙ୍କର ବନ୍ଧୁ ଭାରି ଖୁସି ହୋଇଗଲେ । ତା ପରେ ବଂଧୁ ଜଣଙ୍କ ରାଜାଙ୍କୁ କହିଲେ- ବୁଝିଲ ବଂଧୁ ! ଆଜି କେତେଦିନ ପରେ ଏତେଗୁଡ଼ାଏ ତାଜା ତରଭୁଜ ଦେଖିବାକୁ ପାଇଲି ।

ରାଜା ସଙ୍ଗେ ସଙ୍ଗେ ଛୁରୀ ଆଉ ଥାଳୀ ଆଣିବାକୁ ଚାକରକୁ ଆଦେଶ ଦେଲେ । କାରଣ ସେ ସେଇ ତରଭୁଜରୁ କିଛି କାଟି ନିଜର ବଂଧୁଙ୍କୁ ଖୁଆଇବେ । ଏକଥା ଶୁଣି ତେନାଲିରାମ କହିଲେ- ହଜୁର ! କ୍ଷମା କରିବେ । ବର୍ଷାଦିନେ ତରଭୁଜ କେଉଁଠୁ ମିଳିବ ! ଆପଣ ଯେତେବେଳେ କହିଲେ ତେଣୁ ଆଣିଛି । ତେବେ ଏଗୁଡ଼ିକ ଖାଇବା ପାଇଁ ନୁହେଁ, କେବଳ ଦେଖିବା ପାଇଁ । କାରଣ ଏଗୁଡ଼ାକ ପରା ମାଟିରେ ତିଆରି ହୋଇଛି !

ତେନାଲିରାମଙ୍କର ଚତୁରପଣିଆଁ ଦେଖି ରାଜାଙ୍କର ବଂଧୁଜଣଙ୍କ ଜୋର୍‌ରେ ହସିଉଠିଲେ । ଆଉ କହିଲେ- ଧନ୍ୟ ତେନାଲି ! ତୁମେ ଯେ ଅସମୟରେ ତରଭୁଜ ଆଣି ପାରିବ, ଏକଥା ମୁଁ ଭାବି ନ ଥିଲି । ଖାଇବାଟା କଣ ବଡ଼ କଥା ! ତାପରେ ରାଜାଙ୍କୁ ଚାହିଁ କହିଲେ ଧନ୍ୟ ବଂଧୁ ଧନ୍ୟ । ଏପରି ବୁଦ୍ଧିଆ କର୍ମଚାରୀ ଯାହା ରାଜ୍ୟରେ ଥିବେ, ତା'ର ଆଉ ଚିନ୍ତା କ'ଣ ?

Digitized by srujanika@gmail.com

ବିଚିତ୍ର ଠକେଇ

ରାଜା କୃଷ୍ଣଦେବ ରାୟ ହଠାତ୍ ପୁରୁଣା ବସ୍ତୁ, ସୁନ୍ଦର ସୁନ୍ଦର ପ୍ରାଣୀ ସଂଗ୍ରହରେ ମନ ଲଗାଇଲେ । ଦୁର୍ଲ୍ଲଭ ପଦାର୍ଥ ସଂଗ୍ରହ କରିବା ତାଙ୍କର ଗୋଟାଏ ଅଭ୍ୟାସରେ ପରିଣତ ହୋଇଗଲା । ତେଣୁ ତାଙ୍କ ରାଜ୍ୟର ପ୍ରତ୍ୟେକ ପ୍ରଜା କିଛି ନା କିଛି ନୂଆ ଦ୍ରବ୍ୟ ଆଣି ରାଜାଙ୍କୁ ଭେଟି ଦେଉଥିଲେ । ରାଜା ମଧ୍ୟ ତା ବଦଳରେ ସେମାନଙ୍କୁ ବହୁତ ଧନରତ୍ନ ପୁରସ୍କାର ଦେଉଥିଲେ ।

ଥରେ ଜଣେ ଲୋକ ଗୋଟାଏ ବୁଦ୍ଧି ପାଞ୍ଚିଲା । ସେ ଗୋଟିଏ ମୟୂର ଧରି ଆଣି ତାକୁ ଚିତ୍ରକରଦ୍ୱାରା ରଙ୍ଗ କରିଦେଲା । ମୟୂରଟିକୁ ନାଲିରଙ୍ଗ କରି ଦେବାରୁ ତାହା ଗୋଟିଏ ଅସାଧାରଣ ପକ୍ଷୀପରି ଦିଶିଲା । ତା' ଦେହର ରଙ୍ଗ ଏପରି ଦିଶିଲା ଯେ କେହି ସହଜରେ ଜାଣିପାରିଲେ ନାହିଁ । ସେ ସେଇ ମୟୂରଟିକୁ ନେଇ ରାଜାଙ୍କୁ ଭେଟି ଦେଇ କହିଲା- ମହାରାଜ ! ଏଇ ନାଲି ମୟୂରଟି ଏକ ବିରଳ ଜାତିର । ଏମାନେ ପ୍ରାୟ ଲୋପ ପାଇଗଲେଣି । ବହୁତ ପଇସା ଖର୍ଚ୍ଚ କରି ଏଇଟିକୁ ସଂଗ୍ରହ କରିଛି । ଦୟାକରି ଆପଣ ତାକୁ ଗ୍ରହଣ କରନ୍ତୁ ।

ରାଜା ସେଇ ମୟୂରଟିକୁ ଭଲ ଭାବରେ ପରୀକ୍ଷା କରି ଦେଖିଲେ ପ୍ରକୃତରେ ଏମିତି ମୟୂର ସେ ଆଗରୁ କେବେ କେଉଁଠି ଦେଖି ନ ଥିଲେ । ଏଭଳି ଏକ ଦୁର୍ଲ୍ଲଭ ପ୍ରାଣୀର ମୂଲ୍ୟ କେତେ ହୋଇପାରେ ?

ଲୋକଟି କହିଲା- ପଚିଶ ହଜାର ସୁନାମୋହର । ରାଜା ମଧ୍ୟ ଲୋକଟିକୁ ସେତିକି ସୁନା ମୋହର ଦେବାକୁ ମନ୍ତ୍ରୀଙ୍କୁ ଆଦେଶଦେଲେ ।

ଲୋକଟିକୁ ସୁନାମୋହର ନେଇ ମୟୂରଟି ଗ୍ରହଣ କଲାବେଳେ ପାଖରେ ସେତେବେଳେ ତେନାଲିରାମ ଉପସ୍ଥିତ ଥିଲେ । ସେ ରାଜାଙ୍କଠାରୁ ମୟୂରଟିକୁ ନେଇ ଭଲକରି ଦେଖିଲେ । ତା ଦେହରୁ ଗୋଟାଏ ନୂଆ ଗନ୍ଧ ବାହାରୁଥିବାରୁ ସେ ତାକୁ ସଙ୍ଗେ ସଙ୍ଗେ ଶୁଙ୍ଘି ଦେଇ ଅସଲ ରହସ୍ୟଟାକୁ ଜାଣିଗଲେ । ତେଣୁ ଆଉ ସେ ବିଷୟରେ

Digitized by srujanika@gmail.com

କିଛି ଆଲୋଚନା ନ କରି ଦରବାରରୁ ଚାଲିଗଲେ । ରାଜ୍ୟର ଭଲ ଚିତ୍ରକରଙ୍କୁ ଖୋଜିବାହାର କରିବାକୁ ସେ କିଛି ଲୋକଙ୍କୁ ଆଦେଶ ଦେଲେ । ଜଣେ ଭଲ ଚିତ୍ରକରଠାରୁ ଜାଣିଲେ ଯେ ସେ ଭଲ ରଙ୍ଗ କରିପାରେ । ତେଣୁ ଚାରିଗୋଟି ମୟୂରକୁ ନାଲିରଙ୍ଗର କରିବାକୁ ଆଦେଶ ଦେଲେ । ତା ପରଦିନ ତେନାଲିରାମ ସେଇ ମୟୂର ଚାରୋଟି ଧରି ରାଜଦରବାରରେ ପହଞ୍ଚିଲେ । ରାଜାଙ୍କୁ ସେଇ ଚାରୋଟି ମୟୂର ଉପହାର ଦେଇ କହିଲେ- "ହଜୁର ! ଗତକାଲି ଆପଣ ସିନା ଗୋଟିଏ ମୟୂର ପାଇଥିଲେ । ମୁଁ ଆଜି ଆପଣଙ୍କ ପାଇଁ ଚାରୋଟି ବିରଳ ମୟୂର ଆଣି ଦେଇଛି । ଏଥିପାଇଁ ମତେ ମାତ୍ର ପାଚାଶହଜାର ସୁନା ମୋହର ଦେଲେ ଚଳିବ ।

ରାଜା ମଧ୍ୟ ସଙ୍ଗେ ସଙ୍ଗେ ତେନାଲିରାମଙ୍କୁ ପଚାଶହଜାର ସୁନାମୋହର ଦେବାକୁ ଆଦେଶ ଦେଲେ । ରାଜାଙ୍କ ଆଦେଶ ପାଇ ତେନାଲି କହିଲେ- ହଜୁର ! ଏଇ ପଚାଶହଜାର ସୁନା ମୋହର ପାଇବାକୁ ଜଣେ ହିଁ କେବଳ ହକ୍‌ଦାର । ମୁଁ ନୁହେଁ ।

ରାଜା ତେନାଲିରାମଙ୍କ କଥା ଶୁଣି ଟିକେ ଆଶ୍ଚର୍ଯ୍ୟ ହୋଇଗଲେ । ହେଲେ ତେନାଲିରାମ କହିଲେ- ହଜୁର ! ଆଶ୍ଚର୍ଯ୍ୟ ହେବାରେ କ'ଣ ଅଛି ? ଗତକାଲି ଆପଣ ମୟୂରଟିକୁ ନେଲାବେଳେ ମୁଁ ତା'ର ପ୍ରକୃତ ରହସ୍ୟ ଜାଣିପାରିଲି । ଆଉ ଶେଷରେ ଏଇ ନାଲି ମୟୂରର ନିର୍ମାତାଙ୍କୁ ଖୋଜି ବାହାର କରିଦେଲି ।

ରାଜା ଯେତେବେଳେ ଜାଣିପାରିଲେ ଲୋକଟି ତାଙ୍କୁ ଠକି ନେଇଛି । ତେଣୁ ସେ ସଙ୍ଗେସଙ୍ଗେ ସେଇ ଲୋକକୁ ଧରିଆଣି ବନ୍ଦୀଶାଳାରେ ରଖିବାକୁ ଆଦେଶ ଦେଲେ । ଆଉ ଚିତ୍ରକରଟିକୁ ମଧ୍ୟ ଉପଯୁକ୍ତ ପୁରସ୍କାର ଦେବାର ବ୍ୟବସ୍ଥା କଲେ । ସେହିଦିନଠାରୁ ରାଜାଙ୍କର ଦୁର୍ଲ୍ଲଭ ପଦାର୍ଥ ସଂଗ୍ରହ କରିବାର ନିଶା ତୁଟିଗଲା ।

Digitized by srujanika@gmail.com

ଲୁଗା ରଙ୍ଗାଇବା ଦୋକାନ

ସେଥର ବିଜୟନଗରରେ ଗୋଟିଏ ବଡ଼ ଧରଣର ଉତ୍ସବ ପାଳନ ହେଉଥାଏ । ତେଣୁ ସାରା ରାଜ୍ୟଟାକୁ ସଜାଇ ଦିଆଯାଇଥାଏ । ଯେଉଁଠି ଦେଖିବ କିଛି ନା କିଛି ନାଚଗୀତ ଚାଲିଥିବ । ରାଜଦରବାରର ପ୍ରତ୍ୟେକ କର୍ମଚାରୀ ଗୋଟିଏ ଗୋଟିଏ ବଡ଼ ଦାୟିତ୍ୱ ନେଇଥାନ୍ତି । ତେଣୁ ସମସ୍ତେ ନିଜ କାମକୁ ଭଲ ଭାବରେ କରିବାପାଇଁ ଲାଗି ପଡ଼ିଥାନ୍ତି । ହେଲେ ତେନାଲିରାମଙ୍କର ପତ୍ତା ମିଳୁନଥାଏ । ଏତେବଡ଼ ଉତ୍ସବରେ ତେନାଲିରାମଙ୍କର ଅନୁପସ୍ଥିତ ରାଜାଙ୍କୁ ଭାରି ବାଧିଥିଲା । ତେଣୁ ତାଙ୍କୁ ଖୋଜି ବାହାର କରିବା ପାଇଁ ସେ ଜଣେ ଦୂତକୁ ପଠାଇଲେ ।

ଦୂତଟି କିଛି ସମୟ ପରେ ଫେରିଆସି କହିଲା- ମହାରାଜ ! ତେନାଲିରାମ ପରା ବଜାରରେ ଲୁଗାରଙ୍ଗ କରିବା ଦୋକାନଟିଏ ଖୋଲିଛନ୍ତି ! ଆଉ ସେ ସେଇଠି ବସି ଲୁଗାରେ ରଙ୍ଗ ଦେଉଛନ୍ତି ।

ରାଜା ସେକଥା ଶୁଣି ଯେତିକି ଆଶ୍ଚର୍ଯ୍ୟ ହେଲେ ତା' ଠାରୁ ଅଧିକ ବିରକ୍ତ ହେଲେ । କାରଣ ରାଜଦରବାରର ଜଣେ କର୍ମଚାରୀ ହୋଇ ସେ ଏପରି ସାଧାରଣ ଲୋକପରି ବଜାରରେ ଦୋକାନ ଖୋଲିଛନ୍ତି ! ତେନାଲିରାମଙ୍କୁ ଡକାଇ ଆଣିବାକୁ ସେ ନିଜର ସୈନ୍ୟମାନଙ୍କୁ ଆଦେଶ ଦେଲେ । ସୈନ୍ୟମାନେ ମଧ୍ୟ ତେନାଲିଙ୍କୁ ଗିରଫ କରି ଦରବାରକୁ ନେଇ ଆସିଲେ ।

ଦରବାରରେ ତେନାଲିରାମଙ୍କୁ ଦେଖି ରାଜା ଖୁବ୍ ଜୋର୍‌ରେ ଚିଡ଼ି ଉଠି କହିଲେ- ତେନାଲି ! ତୁମେ ଦରବାରକୁ ନ ଆସି ସାଧାରଣ ଲୋକଙ୍କ ପରି ରଙ୍ଗ ଦୋକାନ କରିବାରେ କି ଆବଶ୍ୟକତା ଥିଲା ?

ତେନାଲି ହାତ ଯୋଡ଼ି କହିଲେ- ହଜୁର ! ଆପଣ ମୋ ଉପରେ ରାଗିଛନ୍ତି ବୋଲି ମୁଁ ଖବର ପାଇଛି । ହେଲେ ମୁଁ ଚାହୁଁଥିଲି

Digitized by srujanika@gmail.com

ଏ ଉତ୍ସବ ଆରମ୍ଭ ହେବା ଆଗରୁ ସବୁ ଲୁଗାରେ ରଙ୍ଗ ବୋଳି ଦେବି । ତେଣିକି ସେ ରଙ୍ଗଟା ରହୁ ବା ନରହୁ । ରାଜା ଆହୁରି ଆଶ୍ଚର୍ଯ୍ୟ ହୋଇ ପଚାରିଲେ, ତୁମେ କଣ କହୁଛ ମୁଁ କିଛି ବୁଝି ପାରୁନାହିଁ । ଏହା ସହିତ ଲୁଗା ରଙ୍ଗାଇବାର ବା ସଂପର୍କ କ'ଣ ଥାଇପାରେ !

ତେନାଲିରାମ ହାତଯୋଡ଼ି କହିଲେ- ହଜୁର ! ଏଇ ମନଲୋଭା ମିଠାଇରେ ତ ପୁଣି ଏଇ ରଙ୍ଗ ମିଶାଇ ଦିଆଯାଉଛି !

ରାଜା ତାଙ୍କ କଥାଶୁଣି ପ୍ରକୃତ ରହସ୍ୟଟା ବୁଝିପାରିଲେ । ତେଣୁ ତାଙ୍କୁ କ୍ଷମା ଦେବା ସହିତ ସେଠାରେ ଘୋଷଣା କଲେ ଯେ ''ଯିଏ ଆଜିଠାରୁ ମିଠାଇରେ ରଙ୍ଗ ମିଶାଇବ, ତାକୁ କଠିନ ଦଣ୍ଡ ଦିଆଯିବ ।'' ରାଜାଙ୍କର ଏଇ ଘୋଷଣା ପରେ ପରେ ମିଠା ଦୋକାନୀମାନେ ମିଠାଇରେ ରଙ୍ଗ ଦେବା ଅଭ୍ୟାସ ଛାଡ଼ିଦେଲେ ।

***

Digitized by srujanika@gmail.com

ବୋକାଙ୍କର ଶିରୋମଣି

ପ୍ରତିବର୍ଷ ପରି ସେ ବର୍ଷ ମଧ୍ୟ ରାଜା କୃଷ୍ଣଦେବ ରାୟ ତାଙ୍କ ରାଜ୍ୟରେ ହୋଲିପର୍ବ ବଡ଼ ଆନନ୍ଦରେ ପାଳନ କରୁଥାନ୍ତି । ତା'ସହିତ ଏକ ପ୍ରତିଯୋଗିତାର ଆୟୋଜନ ମଧ୍ୟ ହେଉଥାଏ । ରାଜ୍ୟର ସବୁଠାରୁ ବଡ଼ ବୋକାକିଏ, ତାହା ଏହି ପ୍ରତିଯୋଗିତାରୁ ଜଣାପଡ଼ିବ । ଉତ୍ସବର ଶେଷଦିନ ତାଙ୍କ ରାଜ୍ୟର ଶ୍ରେଷ୍ଠ ସମ୍ମାନ ବୋକାଙ୍କ ଶିରୋମଣି ଉପାଧି ପ୍ରଦାନ କରାଯିବ । ଏହି ପ୍ରତିଯୋଗିତାରେ ସମସ୍ତେ ଭାଗନେବାପାଇଁ ଚେଷ୍ଟା କରୁଥାନ୍ତି । ହେଲେ ତେନାଲିରାମଙ୍କୁ ସମସ୍ତଙ୍କର ଭୟଥାଏ । କାରଣ ଯେତେ ଯାହା କଲେ ମଧ୍ୟ ସେ ସବୁ ପୁରସ୍କାର ନେଇଯାଆନ୍ତି ।

ହୋଲି ଉତ୍ସବ ପାଳନ ହେବା ଆଗରୁ ଅନ୍ୟମାନେ ଚିନ୍ତାକଲେ ଯଦି କୌଣସି ଉପାୟରେ ତେନାଲି ଏ ଉତ୍ସବକୁ ନ ଆସିବେ, ତେବେ ପୁରସ୍କାରଟା ଆମ ହାତକୁ ଆସିଯିବ । ତାଙ୍କ ଭିତରୁ ଜଣେ କହିଲା- ଯଦି ତେନାଲିରାମଙ୍କ ଚାକରକୁ ହାତ କରି ତାଙ୍କୁ ନିଶାଖୁଆଇ ଦିଆଯାଆନ୍ତା, ତେବେ ଆଉ ଚିନ୍ତା କରିବାକୁ ପଡ଼ନ୍ତା ନାହିଁ ।

ଏହାଭାବି ସେମାନେ ତେନାଲିରାମଙ୍କର ଚାକରକୁ ପ୍ରଚୁର ଧନ ଦେଇ ହାତକରାଇନେଲେ । ତେଣୁ ଉତ୍ସବ ଆରମ୍ଭ ହେବା ଆଗରୁ ଚାକରଟି ତେନାଲିରାମଙ୍କ ଖାଦ୍ୟରେ କିଛି ନିଶାଦ୍ରବ୍ୟ ଦେଇଦେଲା । ଫଳରେ ତେନାଲି ନିଶାଖାଇ ନିଘୋଡ଼ ନିଦରେ ଶୋଇଗଲେ ।

ତେଣେ ଉତ୍ସବ ଆରମ୍ଭ ହୋଇଗଲେ ମଧ୍ୟ ତେନାଲିଙ୍କର ଦେଖା ମିଳିଲା ନାହିଁ । ରାଜା ଆଶ୍ଚର୍ଯ୍ୟ ହୋଇଗଲେ । ଏଭଳି ଉତ୍ସବରେ ପୁଣି ତେନାଲି ଅନୁପସ୍ଥିତ ରହିବେ ! ହେଲେ ଅନ୍ୟ କର୍ମଚାରୀମାନେ ଭାରି ଖୁସି ହେଉଥାନ୍ତି ।

ଏତିକିବେଳେ ତେନାଲିରାମ ଆସି ଉତ୍ସବସ୍ଥାନରେ ପହଞ୍ଚିଗଲେ । ସେତେବେଳେକୁ ପ୍ରତିଯୋଗିତାର ବେଳ ଗଡ଼ିଯାଇଥାଏ । ହେଲେ ତେନାଲିରାମଙ୍କର ସେ ଆଡ଼କୁ ଖାତିର ନ ଥାଏ । ସେ ନିଦ ମଳମଳ ଆଖିରେ ଢ଼ଳି ଢ଼ଳି ଆସୁଥାନ୍ତି । ତାଙ୍କୁ

Digitized by srujanika@gmail.com

ଏମିତି ଆସୁଥିବାର ଦେଖି ରାଜା ଆଉ ଅନ୍ୟ କର୍ମଚାରୀମାନେ ଠୋ ଠୋ ହୋଇ ହସିବାରେ ଲାଗିଲେ ।

ରାଜା ତାଙ୍କୁ ମଞ୍ଚପାଖରେ ଦେଖି କହିଲେ- ହେ ବୋକା ତେନାଲିରାମ ! ତୁମର କଣ ସମୟ ଜ୍ଞାନର ଅଭାବ ହେଲା କି ? କ'ଣ କିଛି ନିଶାଦ୍ରବ୍ୟ ଖାଇ ଦେଇଥିଲ କି ? ଯାହାଫଳରେ ଏମିତି ଅଭିନୟ କରୁଛ ?

ରାଜାଙ୍କଦ୍ୱାରା ତେନାଲିରାମ ଅପମାନିତ ହେଉଥିବାର ଦେଖି ଅନ୍ୟକର୍ମଚାରୀମାନେ ଭାରି ଖୁସି ହେଉଥାନ୍ତି । ହେଲେ ତେନାଲିରାମଙ୍କର ସେ ଆଡ଼କୁ ଜମା ଖାତିର ନ ଥାଏ । ସେ ଟିକିଏ ରହିଯାଇ ହାତ ଯୋଡ଼ି କହିଲେ- ‘‘ହଜୁର ! ଆପଣ ଯାହା କହିଛନ୍ତି ତାହା ବିଲ୍‌କୁଲ୍ ସତ । ମୁଁ ଯେ କେବଳ ବୋକା ତାହା ନୁହେଁ, ମୁଁ ପରା ବୋକାଙ୍କର ଶିରୋମଣି ।’’

ରାଜା ହଠାତ୍ ତାଙ୍କ କଥାସହିତ ତାଳଦେଇ ବଡ଼ ପାଟିରେ କହି ପକାଇଲେ- ‘‘ହଁ ତୁମେ ଠିକ୍ କହିଛ । ତୁମେ ପ୍ରକୃତରେ ବୋକାଙ୍କର ଶିରୋମଣି ।’’

ତେନାଲିରାମ ତ ସେଇ ସୁଯୋଗକୁ ଅପେକ୍ଷା କରିଥିଲେ । ରାଜାଙ୍କ ପାଟିରୁ ସେଇ ପଦକ କଥା ଶୁଣି ସେ କହିଲେ- ‘‘ହଜୁର ! ଆପଣ ହିଁ ଏବେ ମୋତେ ‘ବୋକାଙ୍କର ଶିରୋମଣି’ ଭାବରେ ଘୋଷଣା କଲେ । ତେବେ ମୋର ପୁରସ୍କାରଟା ଦିଅନ୍ତୁ ।’’

ରାଜା ଖୁସି ହୋଇଯାଇ କହିଲେ- ଧନ୍ୟ ତେନାଲି ! ଧନ୍ୟ ତୁମର ବୁଦ୍ଧି । ତୁମେ ହିଁ ଏ ସମ୍ମାନ ପାଇବାର ପ୍ରକୃତ ଅଧିକାରୀ । ରାଜା ସଙ୍ଗେସଙ୍ଗେ ସେଇ ମଞ୍ଚରେ ସେ ବର୍ଷର ‘‘ବୋକା ଶିରୋମଣି’’ ଉପାଧି ତେନାଲିରାମଙ୍କୁ ପ୍ରଦାନ କଲେ । ହେଲେ ଅନ୍ୟ କର୍ମଚାରୀମାନଙ୍କର ମୁହଁ ଲାଜରେ କଳା ପଡ଼ିଗଲା । ସେମାନେ ମନଦୁଃଖରେ ସେ ସ୍ଥାନରୁ ଉଠି ଚାଲିଗଲେ । ଚାଲି ଯାଉଥିଲାବେଳେ ମନେ ମନେ ଭାବୁଥିଲେ ଏ ତେନାଲିରାମକୁ ଜମା ପାରି ହେଲା ନାହିଁ !

Digitized by srujanika@gmail.com